

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୩୧ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 MARCH 2023
Vol.No. 34 ■ No. 85 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ଘୃଣା ଭାଷଣକୁ ନେଇ ସୁପ୍ରିମକୋର୍ଟଙ୍କ ବଡ ବୟାନ



ନୂଆଦିଲ୍ଲୀ, ୩୦/୦୩ : ଘୃଣା ଭାଷଣକୁ ନେଇ ସୁପ୍ରିମକୋର୍ଟଙ୍କ ବଡ ବୟାନ । ହେଟସ୍ପିଚ୍ ବନ୍ଦ ପାଇଁ ରାଜନୀତିରୁ ଧର୍ମ ଅଲଗା ହେବା ଜରୁରୀ । ଯେତେବେଳେ ରାଜନେତା ଧର୍ମର ବ୍ୟବହାର ବନ୍ଦ କରିବେ ସେବେ ଘୃଣା ଭାଷଣ ବନ୍ଦ ହୋଇଯିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଏକ ଘୃଣା ଭାଷଣ ମାମଲାର ଶୁଣାଣି କରି ଏପରି କହିଛନ୍ତି ସୁପ୍ରିମକୋର୍ଟ । କେତକ ବ୍ୟକ୍ତି ଲଗାତାର ଘୃଣା ଭାଷଣ ଦେଉଥିବା ଦେଖିବାକୁ ମିଳୁଛି । ଏକ୍ଷେତ୍ରରେ ଲୋକଙ୍କୁ ସଂଜମ ରକ୍ଷା କରିବାକୁ ପଡିବ । କିନ୍ତୁ ଏକ୍ଷେତ୍ରରେ ରାଜ୍ୟମାନେ ନିଷ୍କ୍ରିୟତା ଦେଖାଉଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଖଣ୍ଡପୀଠ । ଏଭଳି ନିଷ୍କ୍ରିୟତା ଯୋଗୁ ସବୁଠି ଘୃଣାର ବାତାବରଣ ବଢାଉଛି ବୋଲି ଜଷ୍ଟିସ୍ କେ.ଏମ. ଯୋଶେଫ୍ ଏବଂ ଜଷ୍ଟିସ୍ ବିଭି ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ । ପୂର୍ବ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ, ଅଟଳ ବିହାରୀ ବାଜପେୟୀଙ୍କ ଭାଷଣର ଉଦାହରଣ ଦେଇ ଖଣ୍ଡପୀଠ କହିଛନ୍ତି ସେମାନଙ୍କ ଭାଷଣ ଶୁଣିବାକୁ ଲୋକେ ଦୂରଦୂରାନ୍ତରୁ ଆସୁଥିଲେ । ଏବେ ଭାଷଣରେ ଘୃଣାର ମାତ୍ରା ବଢିଚାଲିଛି । ଏଭଳି ସ୍ଥିତିରେ ଅଦାଲତ କେବେ ଲୋକଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ କରିପାରିବେ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ ।

## ରୁଷିଆ ଆରମ୍ଭ କଲା ବାଲେଷ୍ଟିକ ମିସାଇଲ ସହ ଯୁଦ୍ଧାଭ୍ୟାସ



ନୂଆଦିଲ୍ଲୀ, ୩୦/୦୩ : ୟୁକ୍ରେନ-ରୁଷିଆ ଯୁଦ୍ଧ ଭିତରେ ଆସିଛି ବଡ଼ ଖବର । ତାଜା ସୂଚନା ଅନୁସାରେ ରୁଷ ଆରମ୍ଭ କରିଛି ପରମାଣୁ ହତିଆର ସହ ସମରଭ୍ୟାସ । ମସ୍କୋର ନିକଟରେ ଥିବା ଏକ ଦ୍ୱୀପରେ କ୍ରେମଲିନ ଆନ୍ତମହାଦେଶୀୟ ବାଲେଷ୍ଟିକ ମିସାଇଲ ପ୍ରଣାଳୀ ଓ ହଜାର ସଂଖ୍ୟକ ସୈନିକଙ୍କୁ ନେଇ ଶକ୍ତିପ୍ରଦର୍ଶନ କରୁଛି । ଏନେଇ ରୁଷ ପ୍ରତିରକ୍ଷାମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୟାର୍ସ ମିସାଇଲ ସହ କରାଯାଉଛି ଏହି ସମରଭ୍ୟାସ । ଏହି ବାଲେଷ୍ଟିକ ମିସାଇଲ ଯେତିକି ଶକ୍ତିଶାଳୀ ସେତିକି ଘାତକ ଭାବେ ଜଣାଯାଏ । ଥରକେ ୧୨ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରେ । ଇଏ ଏକମାତ୍ର ମିସାଇଲ ଯିଏ ପରମାଣୁ ବୋମା ବହନ କରିବା କ୍ଷମତା ରଖିପାରେ । କୁହାଯାଏ କି ଏହି ମିସାଇଲ ରୁଷ ପାଇଁ ଯୁଦ୍ଧରେ ସବୁଠୁ ବଡ ହତିଆର ବା ଗେମ ଚେଂଜର ସାବ୍ୟସ୍ତ ହୋଇପାରେ । ତେବେ ସ୍ଥାନରେ ରୁଷ ଏହି ସମରଭ୍ୟାସ କରୁଛି ସେନେଇ କୌଣସି ଖବର ମିଳିପାରିନି । ଏହି ଯୁଦ୍ଧାଭ୍ୟାସରେ ରୁଷ ଏମିତି କିଛି ପରମାଣୁ ହତିଆର ସହ ଯୁଦ୍ଧାଭ୍ୟାସ କରିଛି ଯାହା ବେଶ ଅତ୍ୟାଧୁନିକ ଓ ଶକ୍ତିଶାଳୀ ବୋଲି କୁହାଯାଉଛି । ମୋଟ ୩ହଜାର ସୈନିକ ଓ ୩ଶହ ଅତ୍ୟାଧୁନିକ ହତିଆର ସହ ଚାଲିଛି ଯୁଦ୍ଧକୌଶଳ । ଅନ୍ୟପଟେ ବେଲାରୁଷ ସହ ମିଶି ପୁଣି ଥରେ ରୁଷ ଯୁଦ୍ଧାଭ୍ୟାସ ପାଇଁ ପ୍ରସ୍ତୁତି କରୁଥିବା କୁହାଯାଉଛି

## ରାମନବମୀ ପୂଜା ଚାଲିଥିବା ବେଳେ ଭାଙ୍ଗିଲା କୂଅର କାନ୍ଥ, ପାଣିରେ ପଡି ୧୩ ମୃତ



ନୂଆଦିଲ୍ଲୀ, ୩୦/୦୩ : ସାରା ଦେଶରେ ରାମନବମୀ ପର୍ବ ଆନନ୍ଦ ଉଲ୍ଲାସରେ ଚାଲିଥିବା ବେଳେ ମଧ୍ୟପ୍ରଦେଶରୁ ଆସିଛି ଦୁଃଖଦ ଖବର । ମଧ୍ୟପ୍ରଦେଶ ଇନ୍ଦୋର ଠାରେ ଥିବା ଝୁଲେଲାଲ ମନ୍ଦିରରେ ରାମନବମୀ ପାଇଁ ପୂଜା ଚାଲିଥିବା ବେଳେ ମନ୍ଦିର ପରିସରରେ ଥିବା ଏକ କୂଅର କାନ୍ଥ ଭାଙ୍ଗିଯାଇଥିଲା । ଫଳରେ କୂଅ ଉପରେ ଚଢି ପୂଜା ଦେଖୁଥିବା ଭକ୍ତଙ୍କ ମଧ୍ୟରୁ ୩୦ରୁ ଅଧିକ ଭକ୍ତ କୂଅ ଭିତରକୁ ଗଳିପଡିଥିଲେ । ଅଗ୍ନିଶମ ବିଭାଗ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ହେଲେ ସଦ୍ୟ ସୂଚନା ମୁତାବକ କୂଅ ଭିତରେ ଗଳିପଡିଥିବା ଭକ୍ତଙ୍କ ମଧ୍ୟରୁ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୯ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ପଠାଯାଇଛି । ଇନ୍ଦୋର ପୋଲିସ କମିଶନର ମକରନ୍ଦ ଦେଓସକରଙ୍କ କହିବା ମୁତାବକ ଏପର୍ଯ୍ୟନ୍ତ ୧୩ଜଣଙ୍କର ଶବ ଉଦ୍ଧାର କରାଯାଇଛି । ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି । ହେଲେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ କୂଅ ଭିତରେ ଆଉ କେତେ ଭକ୍ତ ଫଶି ରହିଛନ୍ତି ତାର ସଠିକ୍ ଆକଳନ କରାଯାଇପାରି ନାହିଁ । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ ସପନା ସଂଗୀତା ରୋଡ ସ୍ଥିତ ସ୍ନେହ ନଗର ମନ୍ଦିରରେ ଜଞ୍ଜ ଚାଲିଥିଲା । ଏହାସହ ମନ୍ଦିରରେ କନ୍ୟା ପୂଜନ କାର୍ଯ୍ୟକ୍ରମ ମଧ୍ୟ ଥିଲା । ଫଳରେ ମନ୍ଦିରରେ ଭକ୍ତଙ୍କ ଭିଡି ଲାଗିଥିଲା । ୩୦ରୁ ଅଧିକ ଭକ୍ତ କୂଅ ଉପରେ ପଡିଥିବା ଛାତ ଉପରେ ଚଢି ପୂଜା ଦେଖୁଥିଲେ । ହଠାତ କୂଅର ଛାତ ଗଳିପଡିଥିଲା ଓ ତା ଉପରେ ଚଢିଥିବା ଭକ୍ତମାନେ କୂଅର ୪୦ ଫୁଟ ତଳକୁ ଚାଲିଯାଇଥିବା କଥା କୁହାଯାଉଛି ।

## ଭଦ୍ରକ-ନୟାଗଡ଼ ଟାଉନ ମେମୁ ଟ୍ରେନର ଶୁଭାରମ୍ଭ

### କଟକ ଷ୍ଟେସନର ପୁନଃ ନିର୍ମାଣ ପାଇଁ ୩୦୩ କୋଟି ଟଙ୍କା ମଞ୍ଜୁର



କଟକ/ଭୁବନେଶ୍ୱର, ୩୦/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର କଟକ ରେଳ ଷ୍ଟେସନ ଠାରେ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନକୁ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଛନ୍ତି। ଶୁଭାରମ୍ଭ ଦିବସରେ ଏହି ଟ୍ରେନ୍ କଟକ ଷ୍ଟେସନରୁ ଯାତ୍ରା ଶୁଭାରମ୍ଭ କରିଥିବାବେଳେ ଏହାର ନିୟମିତ ସେବା ୩୧ ମାର୍ଚ୍ଚରୁ ଉଭୟ ପାର୍ଶ୍ୱରୁ ପ୍ରାରମ୍ଭ କରାଯିବ। ଏହି ଅବସରରେ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ଏବଂ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହର ଦେଇ ଭଦ୍ରକ ଏବଂ ନୟାଗଡ଼ ଜିଲ୍ଲା ମଧ୍ୟରେ ସିଧାସଳଖ ଟ୍ରେନ୍ ସଂଯୋଗ ରାଜ୍ୟର ପାଂଚଟି ଜିଲ୍ଲାକୁ ସଂଯୋଗ କରୁଛି ଯାହାକି ଲୋକମାନଙ୍କର ବହୁଦିନର ଆକାଂକ୍ଷାକୁ ପୂରାଣ କରିବ। ଏହା ଉଭୟ ଭଦ୍ରକ ଏବଂ ନୟାଗଡ଼ ଜିଲ୍ଲାର ଲୋକଙ୍କ ଦୀର୍ଘ ଦିନର ଆକାଂକ୍ଷା ଥିଲା ଏବଂ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ନିର୍ମାଣର ଭିତିପ୍ରସ୍ତର ଉତ୍ସବରେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଏକ ନୂତନ ଟ୍ରେନ୍ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା ଯାହାକି ବର୍ତମାନ ପୂରଣ ହୋଇଛି। ଏହା ବ୍ୟତୀତ ଶ୍ରୀ ବୈଷ୍ଣବ କହିଛନ୍ତି ଯେ କଟକ ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନ ଭାବରେ ନିର୍ମାଣ କରିବାକୁ ଯୋଜନା କରାଯାଇଅଛି ଏବଂ ଏଥିପାଇଁ ୩୦୩ କୋଟି ଟଙ୍କା ମଞ୍ଜୁର କରାଯାଇଅଛିମ ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ରେଳବାଇ ରାଜ୍ୟରେ ୪୦୦ କିଲୋମିଟର ▶▶ପୃଷ୍ଠା ୭

## ଆଇନ ବିହୀନ ଓଡ଼ିଶା ହେଉଛି ବାସ୍ତବିକତା : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଝାରସୁଗୁଡ଼ାର ୧୫ ବର୍ଷୀୟ ନାବାଳକ ଅପହରଣ ଓ ହତ୍ୟା ଘଟଣାକୁ ନେଇ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଏହାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଆଇନ ବିହୀନ ଓଡ଼ିଶା ବାସ୍ତବତା ପାଲଟିଛି । ଦିନ ଦ୍ୱିପ୍ରହରରେ ଜଣେ ମନ୍ତ୍ରୀ ନବ ଦାସ ହତ୍ୟାକୁ ୨ ମାସ ନ ପୂରୁଣୁ ନାବାଳକ ସମର୍ଥର ହତ୍ୟା କରାଯାଇଛି । ସରକାର ଦାବି କରୁଥିବା ଆଇନର ଶାସନକୁ ପଦାରେ ପକାଇଛି' । ସେ କହିଛନ୍ତି ଯେ'ସାଧାରଣ ନାଗରିକ ଓ ଜନପ୍ରତିନିଧି ସୁରକ୍ଷିତ ନୁହନ୍ତି' । ଝାରସୁଗୁଡ଼ା ଘଟଣା ରାଜ୍ୟବାସୀଙ୍କ ବିଶ୍ୱାସକୁ ଦୁର୍ବଳ କରିଛି' । ସମର୍ଥଙ୍କ ପରିବାରକୁ ଯେତେ ସହାନୁଭୂତି ଜଣାଇଲେ କମ୍ ପଡ଼ିବ' ବୋଲି ସେ କହିଛନ୍ତି । 'ନାଗରିକଙ୍କ ସୁରକ୍ଷା ପାଇଁ ଆଇନ ଓ ନିରାପତ୍ତା ସୁନିଶ୍ଚିତ କରନ୍ତୁ ସରକାର ବୋଲି ସେ କହିଛନ୍ତି ।

## ରାଜଧାନୀରେ ବାଉନ୍ସର ଗ୍ୟାଙ୍ଗ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ମହଙ୍ଗା ପଡ଼ିଲା ବାଉନ୍ସର ଗ୍ୟାଙ୍ଗଙ୍କ ଦାଦାଗିରି । ୭ଜଣିଆ ବାଉନ୍ସର ଗ୍ୟାଙ୍ଗକୁ ଧରିଲା ପୋଲିସ । ଗିରଫ ପରେ ଖାଲିଦେହରେ ଚଲାଇ ଚଲାଇ ନେଲା ପୋଲିସ । ବିବାଦୀୟ ଜମିକୁ କବଜା କରିବା ସହ ଏହାକୁ ପଜେସନ୍ ଦେଉଥିଲେ ବାଉନ୍ସର ଗ୍ୟାଙ୍ଗ । ଗ୍ୟାଙ୍ଗରେ ଥିବା ସମସ୍ତ ୭ଜଣ ବାଉନ୍ସରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ବଡ଼ କଥା ହେଉଛି, ଭୟରେ ଲୋକେ ଏମାନଙ୍କ ବିରୋଧରେ ଥାନାରେ ଏତଲା ଦେଉନଥିଲେ । ଏହି ଗ୍ୟାଙ୍ଗର ମୁଖ୍ୟ ନକୁଳ ମହାକୁଡ଼ ନାମରେ ଏକାଧିକ ମାମଲା ରହିଛି । ଏପରିକି ତାଙ୍କ ନାଁରେ ଏନଏସଏ ମଧ ଲଗାଯାଇଥିଲା । ଏହି ଗ୍ୟାଙ୍ଗ ଅନ୍ୟର ଜମିକୁ କବଜା କରିବା ସହ କିଛି ବ୍ୟବସାୟୀଙ୍କ ଦୋକାନକୁ ଜୋର ଜବରଦସ୍ତି ଭାଙ୍ଗି ଦେଇଥିଲା । ତେବେ ମାମଲା ରୁଜୁ ହେବା ପରେ ଗ୍ୟାଙ୍ଗର ୭ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ସର୍ଟ୍ ସର୍କିଟ୍ ଯୋଗୁଁ ହୁତୁ ହୁତୁ ହୋଇ ଜଳିଗଲା ମନ୍ଦିର, ଫସିଲେ ଭକ୍ତ

ନୂଆଦିଲ୍ଲୀ, ୩୦/୦୩ : ଶ୍ରୀରାମ ନବମୀରେ ଅଘଟଣ । ନିଆଁ ଲାଗି ଜଳି ଯାଇଛି ୱେଷ୍ଟ ଗୋଦାବରୀରେ ଥିବା ଭେଣୁଗୋପାଳ ସ୍ୱାମୀ ମନ୍ଦିର । ରାମ ମନ୍ଦିର ଉତ୍ସବ ପାଳନ ପାଇଁ ତିଆରି ହୋଇଥିବା ପ୍ୟାଣ୍ଡେଲରୁ ସର୍ଟସର୍କିଟ୍ ଯୋଗୁଁ ଏଭଳି ଭୟାବହ ଅଗ୍ନିକାଣ୍ଡ ଘଟିଛି । ମନ୍ଦିରରେ ଥିବା ଭକ୍ତଙ୍କୁ ତୁରନ୍ତ ବାହାରକୁ ଅଣାଯାଇଥିଲା । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

## ୫ ଅପହରଣକାରୀଙ୍କୁ ଗିରଫ କଲା ସ୍ପେଶାଲ ସ୍କ୍ୱାର୍ଡ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଦେଢ଼ କୋଟି ଟଙ୍କା ଦାବିରେ ଅପହରଣ ଅଭିଯୋଗରେ କମିଶନରେଟ୍ ପୋଲିସ୍ ୫ ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଅଂଚଳରୁ ତିନି ଜଣଙ୍କୁ ଅପହରଣ ଘଟଣାରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ୫ ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଥାନା ଅଂଚଳର ମନୋଜ ମହାପାତ୍ର, ଜଣେ ବରିଷ୍ଠ ନାଗରିକ ଓ ଜଣେ ଅବସରପ୍ରାପ୍ତ ସିଭିଲ ସପ୍ଲାଏ ଅଫିସରଙ୍କୁ ଅପହରଣକାରୀମାନେ ଅପହରଣ କରିଥିଲେ । ପୋଲିସ କହିଛି ମନୋଜ ଜଗନ୍ନାଥ ନଗରରେ ଏକ ଘର ନିର୍ମାଣ କରୁଥିଲେ। ଗତ ୨୪ ତାରିଖ ଘର କାମ ଦେଖିବାକୁ ଯାଇଥିଲେ। ହେଲେ ସେଦିନ ସେ ଆଉ ଫେରି ନଥିଲେ। ରାତିରେ ତାଙ୍କ ପତ୍ନୀଙ୍କ ନିକଟକୁ ଅପହରଣକାରୀମାନଙ୍କ ଫୋନ୍ କଲ ଆସିଥିଲା। ଦେଢ଼ କୋଟି ଟଙ୍କା ଦେଲେ ମନୋଜଙ୍କୁ ଛାଡିବେ ବୋଲି ଅପହରଣକାରୀମାନେ କହିଥିଲେ। ମନୋଜଙ୍କ ପତ୍ନୀ ତୁରନ୍ତ ଏନେଇ ଲକ୍ଷ୍ମୀସାଗର ଥାନାରେ ଜଣାଇଥିଲେ। ଅଭିଯୋଗ ଆଧାରରେ ସ୍ପେଶାଲ ସ୍କ୍ୱାର୍ଡ ଓ ଲକ୍ଷ୍ମୀସାଗର ପୁଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ୨୪ ଘଂଟା ଭିତରେ ପୁଲିସ ଟିମ୍ ଜାଣିବାକୁ ପାଇଥିଲେ ଯେ ଅପହରଣକାରୀ ଉକ୍ତ ବୟସ୍କ ଲୋକଙ୍କୁ ଡେଲାଙ୍ଗ ଅଂଚଳରେ ରଖିଛନ୍ତି। ଏହା ପରେ ପୁଲିସ ଚଢ଼ଉ ଆରମ୍ଭ କରିଥିଲା । ହେଲେ ସେତେବେଳେ ଅପହରଣକାରୀମାନେ ଫେରାର ହେବାକୁ ସକ୍ଷମ ହେଇଥିଲେ। ପୁଲିସ ୨୪ ଘଂଟା ଭିତରେ ଅପହୃତଙ୍କୁ ଉଦ୍ଧର କରିଥିଲା। ପୁଲିସ ଏହି ମାମଲାର ତଦନ୍ତ ଭିତରେ ଆଜି ୫ ଜଣ ଅପହରଣକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

## ଝାରସୁଗୁଡ଼ା ଉପନିର୍ବାଚନ : ବିଜେଡିର ବଡ଼ ବିଜୟ ହେବ : ଦେବୀ ମିଶ୍ର

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନ ଲାଗି ତାରିଖ ଘୋଷଣା ପରେ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନର ଫଳାଫଳକୁ ନେଇ ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି, ଝାରସୁଗୁଡ଼ା ଉପ ନିର୍ବାଚନରେ ବିଜେଡିର ବଡ଼ ବିଜୟ ହେବ। ଲୋକେ ମନସ୍ଥ କରି ସାରିଛନ୍ତି ବିଜେଡି ଭୋଟ ଦେବା ପାଇଁ। ଦ୍ୱିତୀୟ ସ୍ଥାନରେ ରହିବା ପାଇଁ ବିଜେପି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ। ବିଜେଡିରୁ ପ୍ରାର୍ଥୀ କିଏ ହେବ ମୁଖ୍ୟମନ୍ତ୍ରୀ ନିଷ୍ପତି ନେବେ। କିନ୍ତୁ ଦୀପାଳୀ ବିଭନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ତାଙ୍କ ବାପାଙ୍କ କାର୍ଯ୍ୟକ୍ରମ କରୁଛନ୍ତି, ବିରୋଧୀ ଯାହା ପ୍ରସଙ୍ଗ ଉଠାଇଲେ ବି ଲୋକ ନବୀନ ପଟ୍ଟନାୟକଙ୍କ ସହ ରହିବେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, କଂଗ୍ରେସ ସର୍ବପୁରାତନ ଦଳ। ସବୁ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ଅଛି। ନିର୍ବାଚନ ଲଢ଼ିବା ପାଇଁ କଂଗ୍ରେସ ପ୍ରସ୍ତୁତ। ଝାରସୁଗୁଡ଼ା ହେଉଛି କଂଗ୍ରେସ ଦଖଲରେ ଥିବା ନିର୍ବାଚନ ମଣ୍ଡଳୀ କହିଲେ ଭୁଲ ହେବନି। କଂଗ୍ରେସକୁ ଲୋକେ ଫେରିବେ। ଆଇନଶୃଙ୍ଖଳାକୁ କଂଗ୍ରେସ ମୁଦ୍ଦା ହେବ। ଯେଉଁ ଦଳ ସରକାର ଲୋକଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ତାକୁ କିପରି ଲୋକେ ଭୋଟ ଦେବେ। ଦରଦାମ ବୃଦ୍ଧି, ଝାରସୁଗୁଡ଼ାରେ ପିଇବା ପାଣି ମିଳୁନି, ଏସବୁ କଥା ଲୋକଙ୍କ ପାଖରେ ପହଂଚିବା ଦରକାର। ଏହା ଫଳରେ କଂଗ୍ରେସ ଝାରସୁଗୁଡ଼ାରେ ଜିତିବ। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଝାରସୁଗୁଡ଼ାରେ କଂଗ୍ରେସର ସ୍ଥିତି ଭଲ ଅଛି। ପିସିସିଙ୍କ ଅଧକ୍ଷତାରେ ଗୋଟେ କମିଟି ଗଠନ ହୋଇଛି, ବିଧାନସଭା ସରିଲେ କମିଟିକୁ ନେଇକି ଯିବି। ୨୦୦୯ ଏବଂ ୨୦୧୪ ନିର୍ବାଚନରେ ନବ ଦାସ କଂଗ୍ରେସ ବିଧାୟକ ଥିଲେ, ଏବଂ ୨୦୧୯ରେ ସେ ବିଜେଡିକୁ ଯାଇଥିଲେ। ନବ ଦାସ ବିଜେଡି ଗଲାବେଳେ ତାଙ୍କ ସହ କଂଗ୍ରେସର ଯେତେ କର୍ମୀ ଥିଲେ ମୁନିସିପାଲିଟି ଏବଂ ବ୍ଲକରୁ ଆରମ୍ଭ କରି ସମସ୍ତଙ୍କୁ ସେ ବିଜେଡିକୁ ନେଇ ଯାଇଥିଲେ। ଏବେ ତାଙ୍କ ହତ୍ୟା ପରେ କର୍ମୀମାନଙ୍କ ଘର ବାହୁଡ଼ା ହେଉଛି। ଏହା ଫଳରେ ସେଠି କଂଗ୍ରେସର ସ୍ଥିତି ଭଲ ରହିବ। ଏପଟେ ପିସିସି ମଧ୍ୟ ସ୍ପଷ୍ଟ କରିଛନ୍ତି ଯିଏ ଜିତିପାରିବେ ▶▶ପୃଷ୍ଠା ୭

## ୨୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ଗତ କିଛି ଦିନ ହେବ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଛି। ଆଜି ମଧ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ୨୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଘଡ଼ଘଡ଼ି, ବର୍ଷା ସହ ୪୦-୫୦ ବେଗରେ ପବନ ବହିବାର ସମ୍ଭାବନା ଥିବା କୁହାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର,ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, କଟକ, ଜଗତସିଂହପୁର ସୁବର୍ଣ୍ଣପୁର , ବଲାଙ୍ଗିର, ବୌଦ୍ଧ. ଅନୁଗୁଳ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏହାସହ ପୁରୀ , ଖୋର୍ଦ୍ଧା, ନୟାଗଡ,ଗଂଜାମ, ଗଜପତି,ସମ୍ବଲପୁର, ସୁନ୍ଦରଗଡ, ବରଗଡ, ଦେବଗଡ ନୂଆପଡା ଓ ଝାରସୁଗୁଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏପ୍ରିଲ୍ ପହିଲା ଯାଏଁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ଝଡ଼-ପବନ ସମ୍ଭାବନା ରହିଥିବା ନେଇ ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ବଙ୍ଗୀୟ ଶରଣାର୍ଥୀଙ୍କ ଜମି ସମସ୍ୟା ଶୁଣାଣି କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୩୦/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ରତୁରାଜ ମହାକାଳପଡା ତହସିଲ ଅନ୍ତର୍ଗତ ରାମନଗର ଖରନାସୀ ଅଂଚଳରେ ରହୁଥିବା ବଙ୍ଗୀୟ ଶରଣାର୍ଥୀ ମାନଙ୍କ ଜମି ସମସ୍ୟାର ଶୁଣାଣି ବୁଧବାର କରିଛନ୍ତି । ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଏହି ଶରଣାର୍ଥୀ ମାନେ ସେଠାରେ ବସବାସ କରି ଆସୁଥିବା ବେଳେ ତାଙ୍କ ଜମି ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ କୋର୍ଟରେ ଏକ ମାମଲା ଦୀର୍ଘ ଦିନରୁ ଚାଲିଛି । ବୁଧବାର ଜିଲ୍ଲପାଳ ଅମ୍ରିତ ରତୁରାଜ ଏହି ମାମଲାର ଶୁଣାଣି କରି ଶରଣାର୍ଥୀ ମାନେ ୧୯୬୨ ରୁ ୧୯୬୬ ମସିହାରେ ହୋଇଥିବା ସେଟେଲମେଣ୍ଟରେ ପାଇଥିବା ପଟା ବୈଧ, କିନ୍ତୁ କଟକରୁ ଏହାର ନକଲ ବାହାରିବା ପରେ ନକଲକୁ ତନଖି କରି ଶରଣାର୍ଥୀମାନଙ୍କୁ ସାହାଯ୍ୟ କରାଯାଇ ପାରିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଜଣାପଡିଛି । ଏହି ଶୁଣାଣି ସମୟରେ ସମୀର ମିସ୍ତ୍ରୀ, ଗୋବିନ୍ଦ ଜାନା, କୁଞ୍ଜ ବିହାରୀ ଦାସ, ନିରଞ୍ଜନ ରାୟ, ନାରାୟଣ ହାଲଦାର, ରଞ୍ଜନ ଦାସ, କଲ୍ୟାଣ ରାୟ, ମିଲେନ ଦେବନାଥ, ଅର୍ଜ୍ଜୁନ ମଣ୍ଡଳ, ବିଶ୍ୱନାଥ ମଣ୍ଡଳ, ପ୍ରେମାନନ୍ଦ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ: ରାତିସାରା ଗ୍ରାମ ଅନ୍ଧାର

କେନ୍ଦ୍ରାପଡ଼ା, ୩୦/୦୩ (ନି.ପ୍ର): କେନ୍ଦ୍ରାପଡା ସହର ସଂଲଗ୍ନ ଗରାପୁର ଡାକ ବଙ୍ଗଳା ଛକ ଠାରେ ଏକ କାର୍ ସଡକ ଦୁର୍ଘଟଣାରେ ଗୋଟିଏ ବିଦ୍ୟୁତ୍ ଖୁଂଟକୁ ଭାଙ୍ଗି ଦେଇଥିବାରୁ ଗ୍ରାମରେ ରାତିସାରା ଅନ୍ଧାର ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଡାକ ବଙ୍ଗଳା ସ୍ୱୟଂ ସିଦ୍ଧ ହୋଟେଲ ନିକଟରେ ଏକ ଦୃତଗାମୀ କାର୍ ବିଦ୍ୟୁତ୍ ଖୁଂଟକୁ ଧକ୍କା ଦେବାରୁ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗି ଯାଇଥିଲା । ଫଳରେ ରାତିସାରେ ନିକଟରେ ଥିବା ଗ୍ରାମଗୁଡ଼ିକ ସଂପୂର୍ଣ୍ଣ ଅନ୍ଧାର ହୋଇ ରହିଥିଲା । ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ସେଠାକୁ ଯାଇ କାମ କରି ବିଦ୍ୟୁତ୍ ସଂଯୋଗ କରିଥିଲେ ।

# ୱାଇଆଇ ପାଳନ କରିବ ‘ମୋ ଉତ୍କଳ ଦିବସ’



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଉତ୍କଳ ଦିବସ ଉପଲକ୍ଷେ କନଫେଡେରେସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଏକ ଅନୁଷ୍ଠାନ ‘ୟଙ୍ଗ୍ ଇଣ୍ଡିଆନ୍ସ (ୱାଇଆଇ) ଭୁବନେଶ୍ୱର ଚାପ୍ଟର’ ପକ୍ଷରୁ ଆସନ୍ତା ଏପ୍ରିଲ୍ ୨ ତାରିଖ ଦିନ ‘ମୋ ଉତ୍କଳ ଦିବସ’ ପାଳନ କରାଯିବ । ଅପରାହ୍ନ ୪ଟାରେ ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ମଧ ଯୋଗଦେବେ ।

ବୁଧବାର ଦିନ ଭୁବନେଶ୍ୱରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ୱାଇଆଇ ଭୁବନେଶ୍ୱର ଚାପ୍ଟରର ଅଧକ୍ଷ ବିଶାଲ ଡାଲମିଆ କହିଛନ୍ତି ଭାରତ ସରକାରଙ୍କ ଦ୍ୱାରା ଜି-୨୦ ଏବଂ ୱାଇ-୨୦ ପକ୍ଷରୁ ଯୁବ ଉଦ୍ୟୋଗୀଙ୍କୁ ମିଳିତ ମଞ୍ଚର ଆନୁଷ୍ଠାନିକ ଆୟୋଜକ ହେଉଛନ୍ତି ‘ୟଙ୍ଗ ଇଣ୍ଡିଆନ୍ସ’ । ଏଥିରେ ୧୦୦ରୁ ଅଧିକ ସଦସ୍ୟ ଅଛନ୍ତି । ୱାଇଆଇ ଭୁବନେଶ୍ୱର ୨୦୨୩ ଏପ୍ରିଲ ୨ ତାରିଖକୁ ‘ମୋ ଉତ୍କଳ ଦିବସ’ ଭାବରେ ପାଳନ କରୁଛି । ଭାରତ କ୍ରୀଡ଼ା ଓ ଯୁବ ବ୍ୟାପାର ସହଯୋଗରେ ୱାଇଆଇ ଭୁବନେଶ୍ୱର ପକ୍ଷରୁ ସେହିଦିନ ଏକ ଯୁବ ସମ୍ମିଳନୀ ଆୟୋଜନ କରାଯିବା ସହ ପ୍ରଗତିଶୀଳ ଓଡ଼ିଶା ଦିଗରେ ଅକ୍ଳାନ୍ତ ପରିଶ୍ରମ କରୁଥିବା ପ୍ରମୁଖ ବ୍ୟକ୍ତି ଓ ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

କାର୍ଯ୍ୟସୂଚୀ ଉପରେ ଅଧିକ ବିସ୍ତୃତ ଭାବରେ ୱାଇଆଇ ଭୁବନେଶ୍ୱର ଚାପ୍ଟର ସହ ଅଧକ୍ଷ ସୋନାଲ ମୋର କହିଛନ୍ତି, ୟୁଥ୍ କନକ୍ଲେଭରେ କଲେଜ ଓ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ବିଶିଷ୍ଟ ଅତିଥି ବକ୍ତାମାନଙ୍କ ଦ୍ୱାରା ଓଡ଼ିଶାର ଇତିହାସ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଶିକ୍ଷ ଲିଡରଙ୍କ ଦ୍ୱାରା ଓଡ଼ିଆ ୨୦୪୭ ଉପରେ ଚିନ୍ତାଧାରା ଲିଡରସିପ୍ ଆଲୋଚନା ଓ ଓଡ଼ିଆ ଖାଦ୍ୟ ମହୋତ୍ସବ ‘ଉତ୍କଳ ରୋଷେଇ’, ଗର୍ବର ଓଡ଼ିଶା ‘ଉତ୍କଳ ସମ୍ମାନ’, ଇଣ୍ଟରକଲେଜ ଆଇଡିଆଥନ-ଆଇଡିଆଜ୍ ଆଣ୍ଡ ଜଷ୍ଟ ପିଚ୍ ଭଳି ବିଭିନ୍ନ ପ୍ରତିଯୋଗିତା ହେବ । ଯେଉଁଥିରେ ଛାତ୍ରଛାତ୍ରୀମାନେ ନୂତନ ଉଦ୍ଭାବନ ଏବଂ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି) କ୍ଷେତ୍ରରେ ବିଜ୍‌ନେସ ଆଇଡିଆ ମେଡେଲ ଉପସ୍ଥାପନା କରିବେ । ବକୁଲ ଫାଉଣ୍ଡେସନ ସମ୍ପାଦକ ସୁଜିତ ମହାପାତ୍ରଙ୍କ ଅଧକ୍ଷତାରେ ରାଇଜିଂ ଓଡ଼ିଶାର ଇତିହାସ ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଶା ନୃତ୍ୟ ଏକାଡେମିର ସଚିବ ପ୍ରଫେସର ସସ୍ମିତା ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯତୀନ ଦାସ ପ୍ରମୁଖ ଯୋଗଦେବେ ।

‘ଓଡ଼ିଶା ୨୦୪୭ ପୁନଃକଳ୍ପନା’ ଶୀର୍ଷକ ଆଲୋଚନାଚକ୍ରକୁ ୱାଇଆଇ ଭୁବନେଶ୍ୱର ପାଷ୍ଟ ଚେୟାର ପରିଚାଳନା କରିବେ ଏବଂ ବକ୍ତା ଭାବେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ମୋ କଲେଜ ଅଧକ୍ଷ ଆକାଶ ଦାସ ନାୟକ, ପ୍ରସାରଣ ବିଭାଗର କ୍ରୀଡ଼ା ସାମ୍ବାଦିକ ସାଇ ପ୍ରସାଦ ମହାପାତ୍ର, ସିଏସଏମ ଟେକ୍ନୋଲୋଜି ପ୍ରତିଷ୍ଠାତା ନାନୁ ପ୍ରିୟଦର୍ଶୀ ପାଣି ଉପସ୍ଥିତ ରହିବେ ।

## ଚମ୍ପୁଆ ଏନଏସି ଦ୍ୱାରା ଡ୍ରୋନ ସର୍ଭେ : ସାହେବ ବନ୍ଧର ହେବ ପୁନଃରୁଦ୍ଧାର

ଚମ୍ପୁଆ, ୩୦/୦୩ (ନି.ପ୍ର): ଚମ୍ପୁଆ ଏନଏସି ପକ୍ଷରୁ ଆଜି ଚମ୍ପୁଆ ମୁଖ୍ୟଳୟ ଠାରେ ଥିବା ସାହେବ ବନ୍ଧ ର ପୁନଃରୁଦ୍ଧାର ପାଇଁ ଡ୍ରୋନ ସାହାଯ୍ୟରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ବନ୍ଧର ପୁନଃରୁଦ୍ଧାର ସହିତ ବନ୍ଧ ର ଚତୁର୍ପାର୍ଶ ସୌନ୍ଦର୍ଯ୍ୟ କରଣ କରାଯାଇ ବନ୍ଧର ନବକଳେବର ପାଇଁ ଯୋଜନା ରହିଥିବାବେଳେ ମୁକ୍ତା ଯୋଜନାରେ ଏହାର ପରିସର ଜବର ଦଖଲ ମୁକ୍ତ କରାଯିବା ସହ ଏହାକୁ ଆକାର୍ଷଣୀୟ କରିବାକୁ ଯୋଜନା କରାଯାଇଥିବା ଜଣା ପଡିଛି । ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡ଼ି ରହିଥିବା ଏହି ବନ୍ଧ ର ଚତୁର୍ପାଶ୍ୱ ଲଟାବୁଦା ରେ ଭର୍ତ୍ତି ହୋଇ ଏହାର ପାଣି ଦୂଷିତ ହୋଇ ସାରିଥିଲା । ଚମ୍ପୁଆ ବଜାର ର ଆବର୍ଜନା ବର୍ଷାରେ ଭାସି ଆସି ଏହି ବନ୍ଧ ରେ ଜମା ହୋଇ ରହୁଥିଲା । ତେବେ ବଜାର ର ଅଧିକାଂଶ ଲୋକ ବିଭିନ୍ନ କାର୍ଯ୍ୟରେ ଏହି ବନ୍ଧକୁ ବ୍ୟବହାର କରୁଥିବାରୁ ଏହାର ପୁନରୁଦ୍ଧାର ପାଇଁ ଏନଏସି ତରଫରୁ ଯୋଜନା କରାଯାଇଥିବା ବେଳେ ଆଜି ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଏହି ସାହେବ ବନ୍ଧର ପୁନଃରୁଦ୍ଧାର ପାଇଁ ଶୁଭ ପଡିବା ସହିତ ଡ୍ରୋନ ସାହାଯ୍ୟରେ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିବା ଜଣା ପଡିଛି ।

# ୫ବର୍ଷରେ ପଞ୍ଜୀକୃତ ହୋଇଛନ୍ତି ୧୬ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ



ଭୁବନେଶ୍ୱର, ୩୦/୦୩ (ନି.ପ୍ର): ରାଜ୍ୟରେ ଗତ ୫ବର୍ଷରେ ୧୬,୩୮,୬୪୮ ନିର୍ମାଣ ଶ୍ରମିକ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି । ୨୦୧୮-୧୯ରେ ୪,୮୦,୪୭୫, ୨୦୧୯-୨୦ରେ ୨,୮୩,୦୬୪. ୨୦୨୦-୨୧ରେ ୩,୦୭,୧୪୦. ୨୦୨୧-୨୨ରେ ୩,୬୯,୦୬୭ ଓ ୨୦୨୨-୨୩ ଫେବ୍ରୁଆରି ପର୍ଯ୍ୟନ୍ତ ୧,୯୮,୮୦୨ଜଣ ପଞ୍ଜିକୃତ ହୋଇଥିବା ସୂଚନା ଦେଇଛନ୍ତି ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସାହୁ କହିଛନ୍ତି ଯେ ବିଗତ ୫ବର୍ଷରେ ବିଭିନ୍ନ ଜିଲ୍ଲାରୁ ବାହାର ରାଜ୍ୟରେ ପ୍ରବାସୀ ଶ୍ରମିକ ନିୟୋଜନ ପାଇଁ ଅନ୍ତ ରାଜ୍ୟ ପ୍ରବାସୀ ଶ୍ରମିକ(ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ, ୧୯୭୯ ଅନୁଯାୟୀ ଠିକାଦାରଙ୍କୁ ଲାଇସେନ୍‌ସ ପ୍ରଦାନ କରାଯାଉଛି । ଗତ ୫ବର୍ଷରେ ୨୫୪୮ ଠିକାଦାରଙ୍କୁ ଲାଇସେନ୍‌ସ ଦିଆଯାଇଥିବା ବେଳେ ୧,୫୮,୮୨୯ ପ୍ରବାସୀ ଶ୍ରମିକ ବାହାରକୁ ଯାଇଛନ୍ତି । ଏଥିରେ ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାର ସର୍ବାଧିକ ଶ୍ରମିକ ରହିଛନ୍ତି । ରାଜ୍ୟ ସରକାର ପ୍ରବାସୀ ଶ୍ରମିକମାନଙ୍କ ଆର୍ଥିକ ସୁରକ୍ଷା ଓ ଉନ୍ନତି ପାଇଁ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୨୦ଟି ପ୍ରବାସୀ ପ୍ରବଣ ବ୍ଲକ୍‌ରେ ୪୭୭ ଗ୍ରାମ ପଞ୍ଚାୟତ ପାଇଁ ଏକ ସ୍ୱତନ୍ତ୍ର ସହାୟତା ପ୍ୟାକେଜ କାର୍ଯ୍ୟକାରୀ କରୁଛନ୍ତି ।

## ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୩୦/୦୩ (ନି.ପ୍ର): ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେଙ୍କ ଦ୍ୱାରା ସୋନପୁର ବ୍ଲକର ଗଡିଆଠାରେ ଏକ୍ସନ୍ ଏଡ୍ ଏସୋସିଏନ ଭୁବନେଶ୍ୱର ସହାୟତାରେ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ସହଯୋଗିତାରେ ୧୦ ଜଣ ଏକାକୀ ମହିଳାଙ୍କୁ ନେଇ ପରିଚାଳିତ ହେଉଥିବା ଜୟ ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ସମୟରେ ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମଲ୍ଲିକମୁଣ୍ଡା ସରପଚ ଜ୍ୟୋସ୍ନାମୟୀ ମେହେର, ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ଏକ୍ସନ ଏଡ୍ ର ପ୍ରୋଗ୍ରାମ ମ୍ୟାନେଜର ଘାସିରାମ ପଣ୍ଡା, ରେଆରର ଆଜୀବନ ସଦସ୍ୟ କରମଚାନ୍ଦ ମହାନ୍ତି, ଜୟ ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରର ସଭାନେତ୍ରୀ ସରୋଜିନୀ ଭୋଇ ଓ ରେଆରର ସାଧାରଣ ସଂପାଦକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନଙ୍ଗ ନେଗି ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ବୈଠକରେ ଘାସିରାମ ପଣ୍ଡା ପ୍ରତ୍ୟେକ ଅସହାୟ ଏବଂ ଏକାକୀ ମହିଳାଙ୍କୁ ରୋଜଗାରର ମାଧମ ଦେବା ତଥା ସରକାରଙ୍କ ପ୍ରମୁଖ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା ଏବଂ ବଜାର ବ୍ୟବସ୍ଥା ଉପଲବ୍ଧି ସହ କୃଷି ଉତ୍ପାଦକ ଗୋଷ୍ଠୀ ତିଆରି କରିବା ଏହା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିବା ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ନରୱେଣେ ମା’ମାନଙ୍କ ପ୍ରୟାସକୁ ପ୍ରସଂଶା କରିବା ସହିତ ଗ୍ରାମାଂଚଳରେ ଏହା ଏକ ପ୍ରମୁଖ ଆୟର ପନ୍ଥା ହୋଇପାରିବ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦାଶ ନିରନ୍ତର ଭାବରେ ଉତ୍ପାଦନ ଓ ବ୍ୟବସାୟ ପାଇଁ ଦୃଢତାର ସହ କାମ କରିବା ତଥା ବଜାର ବ୍ୟବସ୍ଥାରେ ଧାନ ରଖିଲେ ସଫଳତା ହାସଲ କରିବେ ବୋଲି ଉପସ୍ଥାପନ କରିଥିଲେ । ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଉଦ୍ୟୋମିତା ତାଲିମ ଏବଂ ବଜାର ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରିଥିବା ବେଳେ କଂଚାମାଳର ମହଜୁଦ୍ ତଥା ଗୋଷ୍ଠୀର ମିଳିତ ଉଦ୍ୟମରେ ଦଳ ସଫଳତା ହାସଲ କରିବ ବୋଲି କହିଥିଲେ । ସଭାନେତ୍ରୀ ଶ୍ରୀମତୀ ଭୋଇ ଏହି କାର୍ଯ୍ୟକ୍ରମ ଏକତ୍ରିତ ହୋଇ ଆଗକୁ ବଢିବା ତଥା ପରିବାର ପୋଷଣର ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମ ଅବସରରେ ଏକ୍ସନ୍ ଏଡ୍ ତରଫରୁ ପୂର୍ବରୁ ଦିଆଯାଇଥିବା ମହିମା ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରରର ସଂପାଦିକା ଗୌରୀ ଝାଙ୍କର ଓ ବ୍ୟକ୍ତିଗତ ସହାୟତା ପାଇଥିବା ଅଞ୍ଜୁ ମହାଲିଙ୍ଗ୍ ତାଙ୍କ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ । ବୈଷୟିକ ପର୍ଯ୍ୟାୟରେ ଘାସିରାମ ପଣ୍ଡାଙ୍କ ଦ୍ୱାରା ସାମାଜିକ ସୁରକ୍ଷା ଯୋଜନା ଏବଂ ଜୀବନ ଜୀବିକା ପାଇଁ ରହିଥିବା ମହାତ୍ମାଗାନ୍ଧୀ ନିର୍ଶ୍ଚିତ କର୍ମ ନିଯୁକ୍ତି ଯୋଜନ, ମିଶନ ଶକ୍ତି ଏବଂ ମିଶନ କ୍ଷମତା ସମ୍ପର୍କରେ ବିସ୍ତୃତ ସଚେତନତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଏକ୍ସନ ଏଡ୍ ର ବାଲ୍ୟ ବିବାହ ପରାମର୍ଶଦାତା ରାକେଶ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜକ ସୁଶାନ୍ତ ସା’, ଝରଣା ପଟ୍ଟନାୟକ, ଦେବେନ୍ଦ୍ର ପୋଢ, ମିତ୍ରଭାନୁ ମଲ୍ଲିକ୍, ଅଶୋକ ଝାଙ୍କର ଓ ମିତ୍ରଭାନୁ ମଲ୍ଲିକ ସହଯୋଗ କରିଥିବା ବେଳେ ଅନଙ୍ଗ ନେଗି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଋଣ ଆଦାୟ ମେଳା

କେନ୍ଦ୍ରାପଡ଼ା, ୩୦/୦୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଋଣ ଆଦାୟ ମେଳାରେ ସଂପାଦକ ନୃସିଂହ ଚରଣ ଦାଶ, ଉପ ସଭାପତି ମମତା ମହାନ୍ତି, ନିର୍ଦ୍ଦେଶକ ହରି ନାରାୟଣ ମଲିକ, ଜ୍ଞାନ ରଞ୍ଜନ ମହାନ୍ତି, ସୁଶାନ୍ତ ଦାସ, ଧିରେନ୍ଦ୍ର ନାଥ ନାୟକ, ଖଗେଶ୍ୱର ସାହୁ, ବନ୍ଦୁ ସେଠୀ ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଓ ଋଣ ଆଦାୟ ସଂପର୍କରେ ଆଲୋଚନା କରିଥିଲେ । ସମିତିରେ ୧୦୦ ରୁ ଉର୍ଦ୍ଧ ଚାଷୀ ଉପସ୍ଥିତ ହୋଇ ନିଜ ନିଜର ଋଣ ପରିଶୋଧ କରିଥିଲେ ।

## ଭାଇ ବୋହୁକୁ ଧନୁ ତୀରରେ ଆକ୍ରମଣ ମାମଲାରେ ଦେଢଶୁରକୁ ଦେଢବର୍ଷ ଜେଲଦଣ୍ଡ

ମାଲକାନଗିରି, ୩୦/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଫାଷ୍ଟଟ୍ରାକ କୋର୍ଟ ସହକାରୀ ଦୌରାଜର୍ଜ ଅରୂପ କୁମାର ନାୟକ ମୁଦୁଲିପଡ଼ା ଥାନା ଅଞ୍ଚଳରେ ୨୦୨୨ ମସିହା ରେ ବଣ୍ଡା ବ୍ୟକ୍ତି ଧନୁ ତୀରରେ ନିଜ ଭାଇ ବୋହୁଙ୍କୁ ଆକ୍ରମଣ କରିବା ମାମଲାର ଶୁଣାଣି କରି ଅଭିଯୁକ୍ତ ଦେଢଶୁର କୁ ୧ ବର୍ଷ ୬ ମାସ ର ଜେଲଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅଣଦେୟ ହେଲେ ଆଉ ୧ ମାସ ଦଣ୍ଡଭୋଗିବାକୁ ପଡିବ ବୋଲି ରାୟ ଶୁଣାଇଛନ୍ତି !ସୂଚନା ଅନୁଯାୟୀ ମୁଦୁଲିପଡ଼ା ଥାନା ଅନ୍ତର୍ଗତ ବଣ୍ଡା ଘାଟି ଅଣ୍ଡରା ହାଲ ଗ୍ରାମର ସମ୍ବାରି ଶିସା ଙ୍କ ଦେଢଶୁର ସନିଆ ଶିସା ଭାଇ ର ମୃତ୍ୟୁ ପରେ ନିଜ ବିଧବା ଭାଇ ବୋହୁ କୁ ବାହା ହେବାପାଇଁ ବାରମ୍ବାର କହିଆସୁଥଲା !ହେଲେ ସେ ରାଜି ନହେବାରୁ ସମ୍ବାରି କୁ ଜୀବନରେ ମାରିଦେବା ପାଇଁ ଗତ ୨୧/୨/୨୨ ତାରିଖ ରାତ୍ରରେ ସମ୍ବାରି ଘର ବାରଣ୍ଡାରେ ଏ କୁଟିଆ ଶୋଇଥିବା ଦେଖି ଦେଢଶୁର ସନିଆ ସେଠାକୁ ଯାଇ ଧନୁ ତୀରରେ ତାର ଛାତିକୁ ମାରିବାକୁ ଚେଷ୍ଟା କରିଥିଲା ହେଲେ ତୀର ଛାତିରେ ବାଜିବା ପରିବର୍ତ୍ତେ ଜଙ୍ଘ ରେ ବାଜିଥିଲା ଚିତ୍କାର ଶୁଣି ସମ୍ବାରି ଙ୍କ ଝିଅ ସଞ୍ଜୁ ଶିସା ବାହାରକୁ ଧାଇଁ ଆସିବାରୁ ସନିଆ ସେଠାରୁ ଯିବା ପରିବର୍ତ୍ତେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା !ସମ୍ବାରି ଙ୍କ ଝିଅ ସଞ୍ଜୁ ଏ ସମ୍ପର୍କରେ ମୁଦୁଲିପଡ଼ା ଥାନାରେ ୨୨/୨/୨୨ ତାରିଖରେ ଏତଲା ଦେବାପରେ ମୁଦୁଲିପଡ଼ା ଥାନା କେସ ସଂଖ୍ୟା ୧୭/୨୨ ରେ ଆଇଆଇସି ହିମାଂଶୁ ଶେଖର ବାରିକ ଘଟଣାର ତଦନ୍ତ କରି ୩୨୪/୩୨୬/୫୦୬/୩୦୭ଆଇପିସି ଧାରାରେ ଅଭିଯୁକ୍ତ ଦେଢଶୁର କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ !ପୋଲିସ ପକ୍ଷରୁ ୧୨ ଜଣ ସାକ୍ଷୀ ପ୍ରଦାନ କରାଯାଇଥିବାବେଳେ ଅତିରିକ୍ତ ସର କାରୀ ଓକିଲ ରବିନାରାୟଣ ପାତ୍ର ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡିଂ କରିଥିଲେ !ସାକ୍ଷୀ ଙ୍କ ବୟାନ କୁ ଆଧାର କରି ଫାଷ୍ଟଟ୍ରାକ କୋର୍ଟ ର ସହକାରୀ ଦୌର ଜର୍ଜ ଅରୂପ ନାୟକ ୩୨୪ଆଇପିସି ରେ ଅଭିଯୁକ୍ତ ସନିଆ କୁ ୧ ବର୍ଷ ୬ ମାସ, ୧ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ହେଲେ ୧ ମାସ ଅଧିକ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି ।

# ଅଟେଇ ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାରୀ: ହାତ ହତିଆର ସହ ୬ଜଣଙ୍କୁ ଗିରଫ କଲା ବନବିଭାଗ

ଘଟଗାଁ, ୩୦/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଓ ଘଟଗାଁ ବନାଞ୍ଚଳରେ ମହାବଳ ବାଘ ଘୁରି ବୁଲୁଥିବା ବନବିଭାଗ ପକ୍ଷରୁ ସୂଚନା ରହିଛି । ବାଘର ଗତିବିଧି ଜାଣିବା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲାଗାଯାଇଛି । ଏଥିସହ ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ପ୍ରବେଶ ପଥକୁ ବିଭାଗ ପକ୍ଷରୁ ସିଲ କରାଯାଇଛି । ବନ ବିଭାଗର ପେଟ୍ରୋଲିଙ୍ଗକୁ ମଧ କଡ଼ାକଡ଼ି କରାଯାଇଛି । ଏହାସତ୍ତ୍ୱେ ବି ଜଙ୍ଗଲ ଭିତରରେ ଶିକାରୀଙ୍କ ଅବାଧ ପ୍ରବେଶ କରୁଥିବା ଦେଖାଯାଇଛି । ପାଟଣା ବନାଞ୍ଚଳ ବଣ ମହୁଲଡିହା ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର ଉଦ୍ୟମ କରୁଥିବା ସମୟରେ ୬ ଜଣଙ୍କୁ ବନ ବିଭାଗ ଗିରଫ କରିଛି । ଖବର ଅନୁଯାୟୀ ମଙ୍ଗଳବାର ଦିନ ୬ଜଣ ବନ୍ୟଜନ୍ତୁ ଶିକାରୀଙ୍କ ସହ ୧୪ଟି ଧନୁ, ୨୦ଟି କାଣ୍ଡ ତୀର ସହ ୨ଟି ଟାଙ୍ଗିଆ ଓ ଗୋଟିଏ କଟୁରୀ ବନବିଭାଗ ଜବତ କରିଛି । ସେମାନେ ବଣମହୁଲଡିହା ଗ୍ରାମର ପ୍ରଭାକର ମହାକୁଡ଼, କୈଳାଶ ମାଝୀ, ଗଣେଶ ମାଝୀ, ଲୁନା ମାଝୀ ଓ ବନବିର ଗ୍ରାମର ବୁଦ୍ଧିଆ ମୁଣ୍ଡା ଓ ପିଛୁଲାବେଡା ଗ୍ରାମର ଜଗ ମୋହନ ମୁଣ୍ଡା ବୋଲି ଜଣାପଡିଛି । ଉକ୍ତ ଗିରଫଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକରୁ ଅଧିକ ତଦନ୍ତ ଚଳାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ଶିକାରୀଙ୍କ ସହ ଶିକାର ଦେଖିବାକୁ ଆସିଥିବା ୩ଜଣ ନାବାଳକଙ୍କୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ସେମାନେ ନିର୍ଦ୍ଦୋଷ ହୋଇଥିବା ନେଇ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି ।

# ଇସ୍ପାତ ଓ ଖଣି ବିଭାଗ ଅଧିନକୁ ଯିବ ଜିଲ୍ଲାର ସମସ୍ତ ବାଲି ସୈରାତ

କେନ୍ଦ୍ରାପଡ଼ା, ୩୦/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ସମସ୍ତ ବାଲି ସୈରାତ ରାଜସ୍ୱ ବିଭାଗ ଅଧିନରୁ ଇସ୍ପାତ ଓ ଖଣି ବିଭାଗ ଅଧିନକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଥିବା ୨୯ଟି ବାଲି ଖାଦାନ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରାଯିବ । ବୁଧବାର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା(ରାଜସ୍ୱ)ଙ୍କ ଅଧକ୍ଷତାରେ ଆୟୋଜିତ ଏକ ବୈଠକରେ ଅତିରିକ୍ତ ଇସ୍ପାତ ଓ ଖଣି ବିଭାଗ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖୁଂଟିଆ(ଜଗତପୁର), କେନ୍ଦ୍ରାପଡା ତହସିଲଦାର ଅଞ୍ଜଳୀ ତରାଇ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲିପ ସେଠୀ, ଗରଦପୁର ତହସିଲଦାର ମହେଶ୍ୱର ବେହେରା, ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଲକ୍ଷ୍ମୀପ୍ରିୟା ଦାସ, ସୁଜିତ କୁମାର ସ୍ୱାଇଁ, ଅଶୋକ କୁମାର ଦେହୁରୀ ପ୍ରମୁଖ ତହସିଲଦାର ଓ ଅତିରିକ୍ତ ତହସିଲଦାର ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଖଣି ବିଭାଗକୁ ବାଲି ଖାଦାନ ହସ୍ତାନ୍ତର ହେବାପରେ ଡିଜିଟାଲ ସର୍ଭେ ହେବାପରେ ରାଜ୍ୟ ଖଣି ବିଭାଗ ବାଲି ଖାଦାନ ଲିଜ ଦେବାର ବ୍ୟବସ୍ଥା କରିବ ବୋଲି ଜଣାପଡିଛି । ବର୍ତ୍ତମାନ ଜିଲ୍ଲାରେ ୨୯ଟି ବାଲି ଖାଦାନ ମଧ୍ୟରୁ ୮ଟିର ଅବଧି ସରି ଯାଇଥିବା ବେଳେ ୨୧ଟି ଲିଜ ସୂତ୍ରରେ ଦିଆଯାଇ ଥିବା ଜଣାପଡିଛି ।

# ରାଇକିଆ ବ୍ଲକରେ କ୍ଷୁଦ୍ର ଦାନା ଶସ୍ୟ ଓ ପୋଷଣ ସମ୍ବନ୍ଧୀୟ କର୍ମଶାଳା

କନ୍ଧମାଳ, ୩୦/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ, ଫୁଲବାଣୀ, ଓଡିଶା ମିଲେଟସ ମିସନ ଏବଂ ସ୍ୱାତୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ରାଇକିଆ ବ୍ଲକ ରେ କାର୍ଯ୍ୟକରୁଥିବା କ୍ଷୁଦ୍ର ଦାନା ଶସ୍ୟ ପ୍ରକଳ୍ପ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନାରେ କ୍ଷୁଦ୍ର ଦାନା ଶସ୍ୟ ଅନ୍ତର୍ଭୁକ୍ତ କରାଇବା ପାଇଁ ଏକ ଦୁଇ ଦିନିଆ କର୍ମଶାଳା କୃଷି ବିଭାଗ ପ୍ରଶିକ୍ଷଣ କେନ୍ଦ୍ର ରାଇକିଆ ଠାରେ ଉଦଘାଟନ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ସରକାରୀ ଅଧିକାରୀ ଓ ବିଭିନ୍ନ ସହଯୋଗୀ ଅନୁଷ୍ଠାନ ଗୁଡିକର କର୍ମକର୍ତ୍ତା ମାନେ ମଧ୍ୟ ଯୋଗ ଦେଇଥିଲେ । ରାଇକିଆ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରିତମ ପ୍ରଧାନ ମାଣ୍ଡିଆ ରେ ପ୍ରସ୍ତୁତ କେକ୍ କାଟି, କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଜିଲ୍ଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହି ପୋଷଣ ପାଖ୍ୱାଡା ରେ ମାଣ୍ଡିଆ ର ଉପକାରିତା, ଖାଦ୍ୟର ପ୍ରକ୍ରିୟା କରଣ ବିଷୟରେ କହିଥିଲେ । ନାବାର୍ଡ ଅଧିକାରୀ ସଞ୍ଜିବ କୁମାର ମହାନ୍ତି ଘରେ ଘରେ କିପରି ପୋଷଣ ର ଉପକାରିତା ଜାଣି ନିଜର ଖାଦ୍ୟ ରେ ପରିବର୍ତନ ଆଣିବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ହରେକୃଷ୍ଣ ଜେନା, ଏଲ.ଡି.ଏମ ଆର୍ଥିକ ସାକ୍ଷରତା ଓ ବ୍ୟାଙ୍କ ର ସୁବିଧା ସମସ୍ତ ଙ୍କୁ କହିଥିଲେ । ସଚିନ୍ଦ୍ର କୁମାର ସେଠୀ, ବ୍ଲକ କୃଷି ଅଧିକାରୀ ମିଲେଟ ମିଶନ ର ଲକ୍ଷ ଉଦେଶ୍ୟ ଓ କୃଷକ ର ଉତ୍ପାଦନ ବୃଦ୍ଧି ଉପରେ ଆଲୋଚନା କରିଥିଲେ । ଜିଲ୍ଲା ସଂଯୋଜିକା ଶବିତା ସୁବୁଧି ଖାଦ୍ୟ ପ୍ରକ୍ରିୟା କରଣ କୁ ସୁଦୃଢିକରଣ ପାଇଁ ମିଶନ ଶକ୍ତି ମହିଳା ମାନଙ୍କ ସହଯୋଗରେ ମିଲେଟ ଟିଫିନ ସେଣ୍ଟର ଖୋଲି ମା ମାନେ ଉଦ୍ୟଗି ହୋଇ ନିଜର ଆର୍ଥିକ ସ୍ଥିତି କୁ ପରିବର୍ତନ କରିବା ସହିତ ପୋଷଣ ଯୁକ୍ତ ଖାଦ୍ୟ ପହଂଚାଇପାରିବେ । ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନତି ପାଣିଗ୍ରାହି ଅଙ୍ଗନବାଡି ରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟରେ ଶିଶୁମାନଙ୍କର ବିକାଶ ନିଜେ ହୃଦୟଙ୍ଗମ କରିବା ସହିତ ସେମାନଙ୍କର ପରିବାର ମାଣ୍ଡିଆ ଖାଦ୍ୟ ପ୍ରତି ଆଗ୍ରହ ବଢାଉଛନ୍ତି । ସହକାରୀ କୃଷି ଅଧିକାରିଣୀ ସୁଦିପ୍ତା ପ୍ରଧାନ ମିଲେଟ୍ ର ଚାହିଦା ଜିଲ୍ଲାରୁ ଦେଶ ଓ ଦେଶ ବାହାରେ ଆଦୃତ ହେବା ସହିତ ଏହି ବର୍ଷ କୁ ସାରା ବିଶ୍ୱ ମାଣ୍ଡିଆ ବର୍ଷ ରୁପରେ ପାଳନ କରୁଛି । ସାହାରା ଅନୁଷ୍ଠାନ ର ସଂପାଦକ ସୁକାନ୍ତ ନାୟକ ରାଇକିଆ ବ୍ଲକ ରେ ଚାଲୁଥିବା ସ୍ୱାତୀ ର କୃଷିଭିତିକ କାର୍ଯ୍ୟକ୍ରମ ଚାଷି ମାନଙ୍କପାଇ ଫଳପ୍ରଦ ହେଇଛି ବୋଲିକହିଥିଲେ । ସ୍ୱାତୀ ଅନୁଷ୍ଠାନର ସଂପାଦକ ହରିଶଙ୍କର ରାଉତ ଆଗାମି ଦିନରେ ଗ୍ରାମ ସ୍ଥରରେ ହେଉଥିବା ମମତା ଦିବସ ରେ ଓ ଅଂଗନାବାଡି କେନ୍ଦ୍ରରେ ମାଣ୍ଡିଆ ର ଖାଦ୍ୟ ପ୍ରର୍ଦଶନ କରି ଗର୍ଭବତୀ, ପ୍ରସୁତୀ ମା ମାନଙ୍କୁ ସଚେତନ କରିବା ପାଇଁ ସ୍ୱାତୀ ର ବିଭିନ୍ନ ଯୋଜନା ବିଷୟରେ ଧାରଣା ଦେଇଥିଲେ । ରାଇକିଆ କୃଷକ ସଂଘ ର ସଭ୍ୟ ସଭ୍ୟା, ସଫଳ ମହିଳା ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ, ସ୍ୱାତୀ ର କର୍ମୀ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ, ହୃଷିକେଶ ଆମାୟତ, ସଞ୍ଜୟ ରଣା, ଦିଲ୍ଲିପ ପ୍ରଧାନ ଓ ନିକୁଞ୍ଜ ପ୍ରଧାନ ସହଯୋଗ କରିଥିଲେ ।

# ଭୋଜନ ନିମନ୍ତେ ଉତ୍ତମ ସମୟ ଜ୍ଞାନ



ଆମ ଭାରତୀୟ ପରିବାରରେ ଭୋଜନ ନିମନ୍ତେ ଏକ ପ୍ରକୃଷ୍ଟ ସମୟ ଅଛି । ନିକଟରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯୁବପିଢ଼ି ମଧ୍ୟ ଏଇ ଢ଼ାଞ୍ଚାକୁ ସାଦରେ ଆପରେଇ ନେଇଛି । ହାତଗଣତି କେତେଜଣ ଲୋକ ଖାଇବା-ପିଇବା ଉପରେ ସେତେଟା ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି ନାହିଁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କେତେକ ଦିଗ ପ୍ରତି ଯତ୍ନବାନ ହେବା ସହ ଧ୍ୟାନ ଦେବା ଆବଶ୍ୟକ ।

♦ ଯେପରି କ୍ଷୀର ପିଇବା ନିମନ୍ତେ ସବୁଠୁ ଉତ୍ତମ ସମୟ ହେଉଛି ରାତିବେଳା । ସକାଳବେଳା କ୍ଷୀର ପିଇଲେ ତାହା ଅମ୍ଳ ରୋଗ ସୃଷ୍ଟି କରିପାରେ ।

♦ ଜଳଖିଆରେ ଆପଣ ଚୁଡ଼ା, ଚିନି, କଦଳୀ, କ୍ଷୀର ଖାଇପାରିବେ । ତାହା ଏକ ଉତ୍ତମ ଖାଦ୍ୟ । ପେଟ ଥଣ୍ଡା ରଖିବା ସହ ଶରୀରକୁ ଶକ୍ତି ମିଳିଥା, ।

♦ ଦିନବେଳା ଭାତ ଖାଆନ୍ତୁ । ରାତିବେଳା ଭାତ ଖାଉଥିଲେ ତାହା ସହଜରେ ହଜମ ହୋଇପାରେ ନାହିଁ । ପରିଶ୍ରମ ଅଧିକ କରୁଥିଲେ ମଧ୍ୟ ରାତି ଭୋଜନରେ ଭାତ ନଖାଇବା ଉଚିତ । ଏହା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ।

♦ ଦହି ସମ୍ପର୍କିତ ତଥ୍ୟଟି ପ୍ରାୟ ସମସ୍ତଙ୍କୁ ଜଣା । ଏହା ସତ୍ତ୍ୱେ କେତେକ ଲୋକ ମାନନ୍ତି ନାହିଁ । ସକାଳ ଜଳଖିଆ ହେଉ ଅବା ଦ୍ୱିପହର ଭୋଜନ, ଏଇ ସମୟରେ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ ରାତିରେ ଦହି ଖାଇଲେ ତାହା ବିଷ ପ୍ରକ୍ରିୟା ସୃଷ୍ଟି କରେ ।।ଅନେକ ସମୟରେ ପେଟଖରାପର ମୁଖ୍ୟ କାରଣ ରାତିବେଳା ଦହି ଖାଇବା କାରଣରୁ ହୋଇଥାଏ ।

♦ ଡାଲି ଜାତୀୟ ଖାଦ୍ୟକୁ ରାତିବେଳା ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ।

# ଆପଣ ଦିନକୁ କେତେ ଥର ଚା’ ପିଉଛନ୍ତି ? ସମୟ ଥାଉ ଥାଉ ହୁଅନ୍ତୁ ସାବଧାନ !

ଚା’ ହେଉଛି ଏମିତି ଏକ ଜିନିଷ ଯାହାର ସାହାଯ୍ୟରେ ଅନେକଙ୍କ ଘରେ ସକାଳ ଆରମ୍ଭ ହୁଏ । ଏମିତି କିଛି ଘର ଅଛି ଯେଉଁଠି ବିନା ଚା’ ରେ ଜଳଖିଆ ହୋଇଥାଏ ନଥାଏ । ଆପଣ ଦେଖିଥିବେ କିଛି ଲୋକ ଚା’ ପିଇବାରେ ଏତେ ଅଭ୍ୟସ୍ତ ହୋଇଯାଇଥାନ୍ତି ଯେ, ଦିନରେ ଅନେକ ଥର ଏହାକୁ ପିଇଥାନ୍ତି । ଅନେକ ଲୋକ ବେଡ୍ ଟି ବିନା ଶେଯରୁ ଉଠନ୍ତି ନାହିଁ । ମାତ୍ର ଜାଣରଖନ୍ତୁ ଯେ ବେଡ୍ ଟି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ଚା’ ରେ ଅନେକ ପ୍ରକାରର ଏସିଡ୍ ଥାଏ । ଖାଲି ପେଟରେ ଚା’ ପିଇ ଆପଣ ନିଜ ପେଟର ସିଧାସଳଖ କ୍ଷତି ପହଁଚାଉଛନ୍ତି । ଏହାଦ୍ୱାରା ଅଲସର ବା ଗ୍ୟାସ୍ ଭଳି ସମସ୍ୟା ବଢ଼ିବାର ସମ୍ଭାବନା ରହିଥାଏ । ଏବେ ଆସନ୍ତୁ ଜାଣିବା ବେଡ୍ ଟି ଦ୍ୱାରା କଣ ସବୁ ସ୍ୱାସ୍ଥ୍ୟଗତ ଅସୁବିଧା ଦେଖାଦିଏ ।

ଯଦି ଆପଣ ସେହି ଲୋକଙ୍କ ମଧ୍ୟରୁ ଜଣେ , ତାହେଲେ ଖାଲି ପେଟରେ କ୍ଷୀର ଚା’ ପିଅନ୍ତୁ ନାହିଁ । ଖାଲି ପେଟରେ ଅଧିକ କ୍ଷୀର ମିଶା ଚା’ ପିଇବା ଦ୍ୱାରା କ୍ଲାନ୍ତ ଅନୁଭବ ହୁଏ । ଆଉ ଗୋଟେ କଥା ହେଲା ଚା’ରେ କ୍ଷୀର ମିଶାଇବା ଦ୍ୱାରା ଆଣ୍ଟିଅକ୍ସିଡେଂଟର ପ୍ରଭାବ କମିଯାଇଥାଏ ।

ଯଦି ଆପଣ ଏହା ବି ଭାବୁଛନ୍ତି ଯେ ଆପଣ ଚା’ ଖାଇବା ପରେ ପିଉଛନ୍ତି , ତଥାପି ଆପଣ ସମସ୍ୟାରୁ ବାହାର ନୁହଁନ୍ତି । ଆମେ ସମସ୍ତେ ଜାଣନ୍ତି ଯେ ଚା’ ରେ ଟେଟିନ୍ ଥାଏ । ଯାହା ଆହାରରେ ଥିବା ଆୟରନ୍ ସହ ପ୍ରଭାବ ପକାଇଥାଏ । ଏଥିପାଇଁ ଖାଇବା ପରେ ଚା’ ପିଇବା ଦ୍ୱାରା ପୋଷକ ତତ୍ତ୍ୱ ନଷ୍ଟ ହୋଇଥାଏ ।



ଯଦି ଆପଣ ଦିନରେ ୪ରୁ ୫ଥର ଚା’ ପିଉଥାନ୍ତି , ତ ନିଜର ଏହି ଅଭ୍ୟାସକୁ ପରିତ୍ୟାଗ କରନ୍ତୁ । ବହୁତ ଅଧିକ ଗରମ ଚା’ ପିଇବାର ଅଭ୍ୟାସ ମଧ୍ୟ ଭଲ ନୁହେଁ । ଏହାଦ୍ୱାରା ଖାଦ୍ୟ ନଳୀରେ କର୍କଟ ହେବାର ସମସ୍ୟା ବଢିଯାଇଥାଏ ।

# ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଲଲିପପ

### ଆବଶ୍ୟକ ସାମଗ୍ରୀ:

ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ ।



### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନ୍‌କୁ ଫ୍ରାଏ କରି ରଖନ୍ତୁ ।

ଏବେ ଆଉ ଏକ ପ୍ୟାନ୍‌ରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ । ଅଳ୍ପ କିଛି ପାଣି ମିଶାନ୍ତୁ । ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ । ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା ।

# ଓଭର୍-ସାଇଜ ଟି-ଶାର୍ଟକୁ ନେଇ ଟେନସନ୍ କି ? ଏଥିରେ ବି ଲାଗି ପାରିବେ ଷ୍ଟାଇଲିଶ୍

ବେଳେବେଳେ ଶପିଂ କରିବାକୁ ଯାଇଥିବା ବେଳେ ଜଲଦିରେ ଆମେ କିଛି ଭୁଲ କରିବସୁ । ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଭଲ ଲାଗିଲେ ଆମେ ସାଇଜ ନ ଦେଖି ଓଭର ସାଇଜର ଟି-ଶାର୍ଟ ନେଇ ଆସିଥାଉ । ହେଲେ ଘରେ ଆସି ମୁଣ୍ଡରେ ହାତ ଦେଉ । ତାହାକୁ ରଖିବୁ, ନା ଫେରାଇବକୁ ସେଇ ଦ୍ୱନ୍ଦ୍ୱରେ ପଡୁ । ହେଲେ ଏପରି ସ୍ଥିତିରେ ବେଶି ଟେନସନ ନିଅନ୍ତୁ ନାହିଁ । ଏହି ଓଭର ସାଇଜ ଟି-ଶାର୍ଟରେ ବି ଆପଣ ଲାଗି ପାରିବେ ହଟ୍, ଟ୍ରେଣ୍ଡି ଓ ଷ୍ଟାଇଲିଶ ।





■ ଏପରି ଟି-ଶାର୍ଟକୁ ଜିନ୍ସ ସହ ମ୍ୟାଚ କରନ୍ତୁ । ଆଉ ଏହା ଉପରେ ଫିଟିଂ ବ୍ଲେଜର କିମ୍ବା ଜ୍ୟାକେଟ ପିନ୍ଧି ଦିଅନ୍ତୁ । ଏହା ସାଙ୍ଗକୁ ପିନ୍ଧନ୍ତୁ ହାଇ ହିଲ୍ସ । ବେଶି ପରିଶ୍ରମ ବିନା ହିଁ ଆପଣ ଦେଖାଯିବେ ଷ୍ଟାଇଲିଶ୍ ।

■ ଏହାବ୍ୟତୀତ ଓଭର ସାଇଜ ଟି-ଶାର୍ଟକୁ ସ୍କର୍ଟ ସହ ବି ପିନ୍ଧି ପାରିବେ । ଏଥିଲାଗି ଆପଣ ହାଇ-ୱେଷ୍ଟ ସ୍କର୍ଟ୍ ପିନ୍ଧନ୍ତୁ । ପ୍ଲିଟସ୍ ସ୍କଟସ୍ କିମ୍ବା ଡେନିମ ସ୍କଟସ୍ ବି ଭଲ ଅପସନ୍ । ଏବେ କେବଳ ଟି- ଶାର୍ଟ ଇନ୍ କରନ୍ତୁ ଓ ହୋଇଯାଆନ୍ତୁ ରେଡି ।

■ ବଡ ଟି-ଶାର୍ଟରେ ବି ଯଦି ଆପଣ ଚାହୁଁଛନ୍ତି ସୁନ୍ଦର ଦେଖାଯିବାକୁ ତା ହେଲେ ଶର୍ଟସ୍ ସହ ପିନ୍ଧନ୍ତୁ । ଚାହିଁଲେ ବେଲ୍ଟ ବି ଲଗାଇ ପାରିବେ । ଏହାକୁ ଅଣ୍ଟା ଉପରେ ବାନ୍ଧି ଦେଖାଯିବେ କୁଲ୍ ।

■ ଆପଣ ବଡ ସାଇଜର ଟି-ଶାର୍ଟକୁ ୱନ ସାଇଡ୍ ଶୋଲଡର ଟପ୍ ଭଳି ବି ପିନ୍ଧି ପାରିବେ । ଏହାକୁ ଆପଣଙ୍କୁ କେବଳ ଯେ, ଷ୍ଟାଇଲିଶ୍ ଲୁକ୍ ଦେବ ତା ନୁହେଁ, ଆପଣ ଏଥିରେ ଦେଖାଯିବେ ହଟ୍ ଓ ଗ୍ଲାମରସ ।

# ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି’ର ଖୁବ୍ ଆବଶ୍ୟକତା ରହିଛି । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି ।**

♦ ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ ।

♦ ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ । ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ । ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ ।

♦ ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ । ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ । ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ ।

♦ ବର୍ଗର, ପିଜା, ପାସ୍ତା ଆଦି ଜଙ୍କ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ । ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ ।



# ଅଶାନ୍ତି ଦୂର କରିବାକୁ ଚାହୁଁଥିଲେ : ଭୁଲରେ ବି ଘରେ ରଖନ୍ତୁନି ଏସବୁ ଜିନିଷ



ଘରେ ସୁଖ, ଶାନ୍ତି ଏବଂ ହସଖୁସିମୟ ପରିବେଶ ପାଇଁ ବାସ୍ତୁ ହିସାବରେ ସବୁ ଜିନିଷ ଠିକ ହେବା ନିହାତି ଜରୁରୀ । ଅନେକ ସମୟରେ ଘରେ ବନ୍ଦ ପଡି ରହିଥିବା ତଥା ଅଦରକାରି ଜିନିଷଗୁଡିକ ବାସ୍ତୁ ଦୋଷର କାରଣ ହୋଇପାରେ । ବିଶ୍ୱାସ ରହିଛି ଯେ, ଘରେ ବାସ୍ତୁ ଦୋଷ ରହିଲେ ଟଙ୍କା ଅଭାବ ଦେଖାଦେବ । ଏଥିସହ ଘରର ସଦସ୍ୟମାନେ ରୋଗାକ୍ରାନ୍ତ ହୋଇପଡିବେ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଘରେ ବନ୍ଦ ପଡି ରହିଥିବା କିଛି ବସ୍ତୁ ତଥା ଜିନିଷ ଅଶୁଭର ପ୍ରତୀକ ହୋଇଥାଏ । ତେଣୁ ସେଗୁଡିକୁ ତୁରନ୍ତ ଘରୁ ବାହାର କରିଦେବା ଉଚିତ । ତେବେ କେଉଁ କେଉଁ ଜିନିଷ ରଖିଲେ ଘରେ ବାସ୍ତୁଦୋଷ ସହ ଅଶାନ୍ତି ଦେଖାଦେବ ଆସନ୍ତୁ ଜାଣିବା

**ବନ୍ଦ ଘଣ୍ଟା :** ଘଣ୍ଟ ଆପଣଙ୍କୁ ସମୟ କହିବା ସହ ଆପଣଙ୍କ ଦିନକୁ ଆଗକୁ ନେବାରେ ସହାଯ୍ୟ କରେ । କୁହାଯାଏ ଯେ, ଏହା ଆପଣଙ୍କ ଖରାପ ସମୟକୁ ମଧ୍ୟ ଟାଳି ଦିଏ । ଘରେ ବନ୍ଦ ଘଣ୍ଟା ରଖିବା ଉଚିତ ନୁହେଁ । ବନ୍ଦ ଘଣ୍ଟା ଦୁର୍ଭାଗ୍ୟର ପ୍ରତୀକ । ଏହାଦ୍ୱାରା ଘରେ ବାସ୍ତୁଦୋଷ ଉତ୍ପନ୍ନ ହୁଏ ।

**ବନ୍ଦ ତାଲା :** ତାଲା ଆପଣଙ୍କ ବନ୍ଦ ପଡିଥିବା ଭାଗ୍ୟକୁ ଚକମାଇପାରେ ଏବଂ ସର୍ବଦା ପାଇଁ ତାକୁ ଦୁର୍ଭାଗ୍ୟରେ ପରିଣତ ମଧ୍ୟ କରିପାରେ । ଘରେ ବନ୍ଦ ପଡିଥିବା ତଥା ପୁରୁଣା ତାଲା ରଖିବା ଉଚିତ ନୁହେଁ । କୁହାଯାଏ, ବନ୍ଦ ତାଲା ଘରେ ରଖିବା ଦ୍ୱାରା କ୍ୟାରିଅରେ ବାଧା ଉପୁଜେ ଏବଂ ବିବାହ କାର୍ଯ୍ୟରେ ବିଳମ୍ବ ହୁଏ ।

**ଖରାପ ଜୋତା :** ଶାସ୍ତ୍ର ଅନୁସାରେ ଜୋତା ତଥା ଚପଲର ସମ୍ବନ୍ଧ ସଂଘର୍ଷ ସହ ଜଡିତ । ଜୀବନରେ ସଂଘର୍ଷକୁ କମ୍ କରିବା ପାଇଁ ସର୍ବଦା ସଫା ସୁତୁରା ଏବଂ ଭଲ ଚପଲ ପିନ୍ଧିବା ଉଚିତ । ଖରାପ ଜୋତା ବା ଚପଲ ପିନ୍ଧିବା ଦ୍ୱାରା ବାସ୍ତୁଦୋଷ ଉତ୍ପନ୍ନ ହୁଏ । ତେଣୁ ଏସବୁକୁ ଶନିବାର ଦିନ ଘରୁ ବାହାର କରିଦେବା ଉଚିତ ।

# ବିଳମ୍ବିତ ରାତିରେ ଖାଉଛନ୍ତି କି ?: ଡାକି ଆଣିପାରେ ଭୟଙ୍କର ବିପଦ

**ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ । ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ । ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀରହ ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ । ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ । ଲେଟ୍ ନାଇଟ୍ ଭୋଜନ କଲେ କ’ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା ।**

♦ ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବଢ଼ିବାକୁ ଲାଗିବ । ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ୍ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ ।

♦ ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ । ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ । ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ । ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା’ନ୍ତି ।

♦ ଯଦି ଆପଣଙ୍କ ଲେଟ୍ ନାଇଟ୍‌ରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ । ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ ।

♦ ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଲେଟ୍ ନାଇଟ୍‌ରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ । ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ । ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନ୍ୟାୟିକ ରାଜନୀତି...

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କ ଦେଶରେ ବିବାଦୀୟ ନ୍ୟାୟିକ ସଂସ୍କାର ଆଣିବା ନିମନ୍ତେ ଯେଉଁ ଯୋଜନା କରିଥିଲେ, ତାହା ତାଙ୍କୁ ଜନସାଧାରଣ ଏବଂ ରାଜନୀତିକ ଚାପ ଯୋଗୁଁ ଆପାତତଃ ସ୍ଥଗିତ ରଖିବାକୁ ପଡ଼ିଛି । ହଜାର ହଜାର ସଂଖ୍ୟକ ଇସ୍ରାଏଲୀ ଜନତା ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ସରକାର ଦ୍ୱାରା ସମ୍ପାଦିତ ହେବାକୁ ଯାଉଥିବା ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନର ପ୍ରତିବାଦ କରିଛନ୍ତି। ଏହି ପରିବର୍ତ୍ତନ ଲାଗୁ ହୋଇଥିଲେ ଏହାର ପ୍ରସ୍ତାବ ଅନୁସାରେ ବିଚାରପତିମାନଙ୍କ ନିଯୁକ୍ତିରେ କାର୍ଯ୍ୟପାଳିକାର ଅଧିକାର ନିୟନ୍ତ୍ରଣ କରିଥାନ୍ତା ଏବଂ ଏହା ପ୍ରଧାମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗଜନିତ ସମ୍ଭାବ୍ୟ ଦଣ୍ଡ ବିଧାନରୁ ରକ୍ଷା କରି ପାରିଥାନ୍ତା। ତଥାପି ଏକଥା ସ୍ପଷ୍ଟ ଯେ ଇସ୍ରାଏଲର ପ୍ରଧାମନ୍ତ୍ରୀ ଏହି ସ୍ଥଗିତାଦେଶକୁ ତାଙ୍କ ଯୋଜନାରେ କେବଳ ଏକ ବିରାମ ବୋଲି ଦେଖୁଛନ୍ତି, ପରିବର୍ତ୍ତନକୁ ଲାଗୁ କରିବାର ଧାରଣାକୁ ସେ ପରିତ୍ୟାଗ କରି ନାହାନ୍ତି। ସୂଚନାଯୋଗ୍ୟ ଯେ ନ୍ୟାୟିକ ସଂସ୍କାରର ବିରୋଧ କରିବାରୁ ମାତ୍ର ଦୁଇଦିନ ପୂର୍ବରୁ ସେ ତାଙ୍କର ପ୍ରତିରକ୍ଷା ମନ୍ତ୍ରୀଙ୍କ ବହିଷ୍କାର କରିଛନ୍ତି । ଗତ ବର୍ଷ ଡିସେମ୍ବର ମାସରେ ଶ୍ରୀଯୁକ୍ତ ନେତାନ୍ୟାହୁ ଯେତେବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସାମ୍ପ୍ରତିକ କାର୍ଯ୍ୟକାଳ ଆରମ୍ଭ କଲେ, ଦେଶର ୩୭ତମ ସରକାର ପାଇଁ ସେ ଚାରିଗୋଟି ପ୍ରମୁଖ ଲକ୍ଷ୍ୟ ହାସଲ କରିବାକୁ ଧାର୍ଯ୍ୟ କରିଥିଲେ । ସେଗୁଡ଼ିକ ହେଉଛି- ଇରାନ୍‌କୁ ଇସ୍ରାଏଲଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା; ଇସ୍ରାଏଲର ସୁରକ୍ଷା ଏବଂ ଶାସନ ବ୍ୟବସ୍ଥାର ପୁନରୁଦ୍ଧାର କରିବା; ଜୀବନଧାରଣର ମୂଲ୍ୟଜନିତ ସମସ୍ୟାର ସମାଧାନ କରିବା ଏବଂ ଶାନ୍ତିର ବୃତ୍ତ (ଆରବ ସହିତ)କୁ ସମ୍ପ୍ରସାରଣ କରିବା । କିନ୍ତୁ ବିଗତ ଚାରି ମାସ ଭିତରେ ତାଙ୍କ ସରକାରର ଏକମାତ୍ର ଧ୍ୟାନ କେନ୍ଦ୍ରିତ ହୋଇଛି ନେସେଟ୍‌ରେ ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ଉଦ୍ଦିଷ୍ଟ ବିଲ୍‌କୁ ପାରିତ କରାଇବା ଉପରେ, ଯାହା ତାଙ୍କ ସରକାର ବିରୋଧରେ ଅଭୁତପୂର୍ବ ପ୍ରତିବାଦ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ନ୍ୟାୟିକ ସଂସ୍କାର ପାଇଁ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ଆଭିମୁଖ୍ୟର ପ୍ରତିନିଧିତ୍ୱ କେବଳ ଇସ୍ରାଏଲରେ ନୁହେଁ, ବରଂ ଆଜିକା ସମୟରେ ଆହୁରି ବେଶ୍ କେତେକ ଗଣତନ୍ତ୍ରରେ ଦେଖିବାକୁ ମିଳେ। ଦେଶ ପରେ ଦେଶ, ହଙ୍ଗେରୀ ଏବଂ ପୋଲାଣ୍ଡଠାରୁ ଇସ୍ରାଏଲ ଏବଂ ଭାରତ, ଯେଉଁସବୁ ଦେଶମାନଙ୍କରେ ନେତାମାନେ ଲୋକପ୍ରିୟ ମତଦାନ ମାଧ୍ୟମରେ କ୍ଷମତାକୁ ଆସିଛନ୍ତି, ସମସ୍ତଙ୍କ ବିରୋଧରେ ଅଭିଯୋଗମାନ ଉଠୁଛି ଯେ ସେମାନେ ମତଦାନ ମାଧ୍ୟମରେ କ୍ଷମତାକୁ ଆସିଛନ୍ତି, ସମସ୍ତଙ୍କ ବିରୋଧରେ ଅଭିଯୋଗମାନ ଉଠୁଛି ଯେ ସେମାନେ ଲଗାମ୍ କଷିବା ପାଇଁ ସେବାରତ ଅଛନ୍ତି। ଏଭଳି ଉଦ୍ୟମଗୁଡ଼ିକ କେବେ କେମିତି ପ୍ରତିବାଦଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି, ଠିକ୍ ଯେମିତି ବର୍ତ୍ତମାନ ଇସ୍ରାଏଲରେ ଦେଖା ଯାଉଛି । ସେଗୁଡ଼ିକ ନିମନ୍ତେ ପ୍ରକାରାନ୍ତରେ ସରକାରଙ୍କଠାରୁ ଯେଉଁ ଗ୍ରହଣୀୟତା ଆଶା କରାଯାଇଥାଏ, ତା'ର ସୀମାକୁ ସମ୍ପ୍ରସାରିତ କରିବାରେ ଶେଷ ହୋଇଥାନ୍ତି, ଯେଉଁମାନଙ୍କର କି ଗଣତନ୍ତ୍ର ପାଇଁ ପ୍ରତିବଦ୍ଧତା କେବଳ ଯାହା ବେଳକୁ ବେଳ ଫମ୍ପା ଆବାଜ ଭଳି ପ୍ରତୀୟମାନ ହୋଇଥାଏ। ପ୍ରାୟତଃ ଏହିସବୁ ଦୋଦୁଲ୍ୟମାନ ଅବସ୍ଥାକୁ ଏକ ପ୍ରମାଣ ଭାବରେ ଗ୍ରହଣ କରାଯାଇଥାଏ ଯେ ଗଣତନ୍ତ୍ର ଶୁଣିବାକୁ ବାଧ୍ୟ । ଅନେକ କ୍ଷେତ୍ରରେ ସେହି କଥା ସତ୍ତାବାଦ ଆଡ଼କୁ ମୁହାଁଇବା କାର୍ଯ୍ୟର ମୁଖାବରଣ କରିବାରେ ସହାୟକ ହୋଇଥାଏ । ଭାରତରେ ଆଦୌ ପରିସମାପ୍ତି ନଘଟିବାକୁ ସତେ ଯେପରି ଶପଥ ନେଇଥିବା ଭଳି ମାସ ପରେ ମାସ ବିବାଦୀୟ କୃଷି ବିଲ୍ ବିରୋଧରେ ପ୍ରତିବାଦ ଜାରି ରହିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଧ୍ୟ ହୋଇଥିଲେ ଏହାକୁ ପ୍ରତ୍ୟାହାର କରି ନେବାକୁ । କିନ୍ତୁ ଏହି ବିଲ୍‌କୁ ଆଇନରେ ପରିଣତ କରିବା ପାଇଁ ଯେଉଁସବୁ ପଦ୍ଧତି ଅନୁସୃତ ହୋଇଥିଲା, ଯଥା ବିପୁଳ ସଂଖ୍ୟା ଗରିଷ୍ଠତା ଯୋଗୁଁ ବିନା ବିତର୍କରେ ସଂସଦରେ ଏହାକୁ ପାରିତ କରାଇବା ଭଳି ପଦ୍ଧତି, ତାହା ଏବେ ସୁଦ୍ଧା ଅନେକ କ୍ଷେତ୍ରରେ ପ୍ରୟୋଗ କରାଯାଉଛି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଚଳିତ ବର୍ଷର ଜାତୀୟ ବଜେଟ୍‌ରେ କେତେଗୁଡ଼ିଏ ମଞ୍ଜୁରୀ ନିମନ୍ତେ ଦାବିର ଅନୁମୋଦନ । ଏହି ଆଭିମୁଖ୍ୟ ମଧ୍ୟ ୨୦୧୯ରେ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ର ପ୍ରତ୍ୟାହାର ସମୟରେ ଅନୁସୃତ ହୋଇଥିଲା, ଯେତେବେଳେ କି ଏଥି ସହିତ ସମ୍ପୃକ୍ତ କୌଣସି ହିତଧାରକଙ୍କ ସହିତ ବିନା ଆଲୋଚନାରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ଇସ୍ରାଏଲରେ ନେତାନ୍ୟାହୁଙ୍କ ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାରକୁ ବିରୋଧ କରୁଥିବା ସମାନ ଧରଣର ଉଦାରବାଦୀ ରାଜନୀତିକ ଗୋଷ୍ଠୀ– ତାଙ୍କ ସରକାର ପ୍ରାୟତଃ- ଦୈନନ୍ଦିନ ଭିତ୍ତିରେ ପାଲେଷ୍ଟିନୀୟମାନଙ୍କ ବିରୁଦ୍ଧରେ ହିଂସାକୁ ଉସୁକାଇବା ଭଳି ପଦକ୍ଷେପ ନେଉଥିଲେ ସୁଦ୍ଧା ଏବଂ ପାଲେଷ୍ଟିନୀୟ ସୀମାଗୁଡ଼ିକୁ ଇସ୍ରାଏଲୀମାନେ ବେଆଇନ ଭାବରେ ଦଖଲ କରି ଆସୁଥିଲେ ମଧ୍ୟ ଅଧିକାଂଶ ସମୟରେ ସେମାନେ ସନ୍ଦେହଜନକ ଭାବରେ ନିରବ ରହୁଛନ୍ତି ।

# ଭାଷା ଆନ୍ଦୋଳନରେ ଭକ୍ତକବି ମଧୁସୂଦନ

**ଡକ୍ଟର ଲକ୍ଷ୍ମଣ ସାହୁ**



ଋଗବେଦ (୧/୧୪୬/୧୧) ରେ ଅଛି- 'ମାତା ଭୂମି ପୁତ୍ରୋଽହଂ ପୃଥିବ୍ୟା'। ଅର୍ଥାତ୍ ମାଟି ହେଉଛି ମାଆ ଓ ମୁଁ ତା'ର ସନ୍ତାନ । ମାଟି ମା' ଯେ ଆମକୁ ଅମୃତ ସମ ଜଳ, ପ୍ରାଣବାୟୁ, ବଞ୍ଚିରହିବା ପାଇଁ ଖାଦ୍ୟ ଓ ସକଳ ନିରାପତ୍ତା ଦେଇ ଆସିଛି । ଯାହାର ଅମୃତ ଦାନରେ ସଚରାଚର ପୃଥିବୀର ମାନବ ଜଗତ ତିଷ୍ଠି ରହିଛି, ତାହାରି ପଦ ବନ୍ଦନା କରି କବି ମଧୁସୂଦନ ରାଓ ଋଷିପ୍ରାଣ ଭକ୍ତ କବି ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ମର୍ଯ୍ୟାଦା ପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇପାରିଛନ୍ତି । ପୃଥିବୀ ମାତାର ଜଣେ ଯଶସ୍ୱୀ ସନ୍ତାନ ଭାବେ ତାଙ୍କର ଅମର କବିତାବଳୀ ପୃଥିବୀ ପ୍ରତି, ଜନ୍ମଭୂମି, ଉତ୍କଳ ଜନନୀ, ଉତ୍କଳ ବନ୍ଦନା, ଉତ୍କଳ ଭାବନା, ଉଦ୍‌ବୋଧନ, ମୋ ଜନନୀ, ଉତ୍କଳ ଗାଥା ଆଦି ଅବିସ୍ମରଣୀୟ । ସ୍ୱତଃ ପ୍ରତ୍ୟେକଟି ଓଡ଼ିଆଙ୍କ ପ୍ରାଣରେ ପ୍ରାତଃ କାଳରେ ଉଣା ଅଧିକେ ଝଙ୍କୃତ ହୋଇଉଠେ - 'ତୁହି ମା ଜନମ ଭୂମି ପବିତ୍ର ଭାରତ ଭୂମି/ ତୋହର ସନ୍ତାନ ଆମେ ଅଟୁ ସରବେ...। ଅଥବା - 'ତୁହି ମା ଧରଣୀ, ଜନନୀ ମୋହର, ଧରିଛୁ ମା' ମୋତେ କୋଳେ/ ଲୋଟୁଅଛି ସିନ୍ଧୁ, ଚରଣେ ତୋହର, ଆହାକି ଉଲ୍ଲାସ ଭୋଳେ।'

ଉତ୍କଳ ଦିବସ ପାଳନ ଅବସରରେ ଭକ୍ତକବି ମଧୁସୂଦନ ରାଓ (ଖ୍ରୀ ୧୮୫୩-୧୯୧୨) ନାଁ ସ୍ୱତଃ ସ୍ମରଣକୁ ଆସେ । ସେ ଜଣେ ଓଡ଼ିଆ କବି, ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧର ପ୍ରଣେତା । ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି ସାହିତ୍ୟିକ, ପଣ୍ଡିତ, ସୁସଂଗଠକ ଓ ସମାଜ ସଂସ୍କାରକ । ସାହିତ୍ୟର ପ୍ରଚାର ପ୍ରସାର ପାଇଁ, ସେ କଟକରେ 'ଉତ୍କଳ ସାହିତ୍ୟ ସମାଜ' ପ୍ରତିଷ୍ଠା କରିଥିଲେ । ମଧୁସୂଦନ ରାଓଙ୍କ ପୂର୍ବ ପୁରୁଷ ମହାରାଷ୍ଟ୍ରର ନାଗପୁରସ୍ଥ ଭୋନ୍ସଲା ରାଜପରିବାର ଥିଲେ । ଓଡ଼ିଶା ମରହଟ୍ଟାମାନଙ୍କର ଶାସନ ଅଧିନରେ ୧୭୫୧ରୁ ୧୮୦୩ ମସିହା ପର୍ଯ୍ୟନ୍ତ ରହିଥିଲା । ଏହି ସମୟରେ ଅନେକ ବ୍ୟକ୍ତି ମହାରାଷ୍ଟ୍ରରୁ ଚାଲିଆସି ଓଡ଼ିଶାରେ ବସବାସ କରିବାରେ ଲାଗିଲେ । ମଧୁସୂଦନଙ୍କ ପରିବାର ପୁରୀରେ ଆସି ସେ ସମୟରେ ଅବସ୍ଥାନ କରୁଥିଲେ । ୧୮୫୩ ଜାନୁଆରୀ ୨୯ ତାରିଖ ଦିନ ମଧୁସୂଦନ ରାଓ ପୁରୀର ପଥୁରିଆ ସାହିରେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷକତାର କର୍ମମୟ ଜୀବନ ଯାଜପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଆରମ୍ଭ କରିଥିଲେ । ସେ କେବଳ ପିଲାଙ୍କୁ ପଢାଉ ନଥିଲେ ଶିଶୁ ମୂଲ୍ୟବୋଧ ଓ ଶିଶୁ ସାହିତ୍ୟକୁ ଆଧାର କରି ସେ ସୁନ୍ଦର ସୁନ୍ଦର ଗୀତ ଓ ଗଦ୍ୟମାନ ରଚନା କରିଛନ୍ତି । ମଧୁସୂଦନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ କବିତା ଗୁଡ଼ିକ ମାସିକ ପତ୍ରିକା ଉତ୍କଳ ଦର୍ପଣରେ ନିୟମିତ ଭାବେ ପ୍ରକାଶ ପାଇଁ ଆସିଛି । ସେଗୁଡ଼ିକ ସଂକଳିତ ହେବା ପରେ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ ହୋଇଥିଲା । ଛାତ୍ର ଓ ଶିକ୍ଷକ ସମାଜ ମଧ୍ୟରେ ଜଣେ ଲେଖକ ଭାବେ ତାଙ୍କର ଖ୍ୟାତି ବଢିଥିଲା । 'ବର୍ଣ୍ଣବୋଧ' ମାଧ୍ୟମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ହୋଇଥିଲେ । ଆଜି ମଧ୍ୟ ଏହି ପୁସ୍ତକ ପ୍ରତ୍ୟେକ ଓଡ଼ିଆଙ୍କ ଆଦ୍ୟ ପୁସ୍ତକ ଭାବେ ଖ୍ୟାତି ଲାଭ କରିଛି । ଓଡ଼ିଆ ସାହିତ୍ୟର କର୍ଣ୍ଣଧାର ଓ କାଳଜୟୀ 'ଛବିଳ ମଧୁ ବର୍ଣ୍ଣବୋଧ'ର ସ୍ରଷ୍ଟା ଭକ୍ତକବି ମଧୁସୂଦନ ରାଓଙ୍କ ଅମ୍ଳାନ ପ୍ରତିଭା ତାଙ୍କ ସାହିତ୍ୟ ସର୍ଜନା ଭାବେ ତାଙ୍କୁ କେବଳ ନୁହେଁ, ଜଣେ ଭାଷା ଆନ୍ଦୋଳନକାରି ପ୍ରମୁଖ ସୈନିକ ଭାବରେ ସ୍ମରଣ କରି ଆସିଛି ।

କଟକରେ ଅଧ୍ୟୟନ କାଳରେ ମଧୁସୂଦନ ହରିନାଥ ଭଟ୍ଟାଚାର୍ଯ୍ୟଙ୍କ ପ୍ରେରଣାରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ତାଙ୍କର ପ୍ରିୟ ବନ୍ଧୁ ପିଆରୀମୋହନ ଆଚାର୍ଯ୍ୟ ମଧ୍ୟ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଦୁହିଁଙ୍କର ଜୀବନାଦର୍ଶ ଏକ ପ୍ରକାର । ମଧୁସୂଦନ ପ୍ରଥମେ ପୁରୀ ଜିଲ୍ଲା ସ୍କୁଲରେ ଏକ ଅସ୍ଥାୟୀ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ । କିନ୍ତୁ ସେ ଏହି ପଦବୀରେ ଯୋଗଦାନ କରିବା ପୂର୍ବରୁ ଅନ୍ୟଜଣେ ବଙ୍ଗୀୟ ବ୍ୟକ୍ତି ତତ୍କାଳୀନ ଇନ୍ସପେକ୍ଟର ମାର୍ଟିନ ସାହେବଙ୍କ ଦ୍ୱାରା ନିଯୁକ୍ତି ପାଇ ସେହି ପଦବୀରେ ଯୋଗଦେଲେ । ଫଳତଃ ମାର୍ଟିନ ସାହେବ କଟକ ହାଇସ୍କୁଲରେ ମଧୁସୂଦନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ । ହେଲେ ସେ ଯୋଗଦାନ କରିବାର କିଛିଦିନ ପରେ ତାଙ୍କ ପଦବୀଟି ସେଠି ଉଚ୍ଛେଦ ହେବା ଯୋଗୁ ମାର୍ଟିନ ସାହେବ ବାଧ୍ୟହୋଇ ଯାଜପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ଦେଲେ । ସେଠାରେ ମଧ୍ୟ ସେ ଦେଢ଼ବର୍ଷ କାର୍ଯ୍ୟ କରିବା ପରେ ବାଲେଶ୍ୱର ଜିଲ୍ଲାସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦବୀରେ ଯୋଗଦେଲେ । ଯାହା ଫଳରେ ସେ ବାଲେଶ୍ୱରରେ ଫକୀର ମୋହନ ଓ ରାଧାନାଥଙ୍କ ସାନ୍ନିଧ ଲାଭ କଲେ । ସେହିଠାରୁ ହିଁ ତାଙ୍କର ସାହିତ୍ୟ ଚର୍ଚ୍ଚା ଆରମ୍ଭ ହେଲା । ଫକିରମୋହନ, ରାଧାନାଥ ଓ ମଧୁସୂଦନ ତିନିହେଁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କଲେ । ବାଲେଶ୍ୱର ରାଜକୁମାର ବୈକୁଣ୍ଠ ନାଥ ଦେ ଏମାନଙ୍କୁ ପ୍ରୋତ୍ସାହିତ କଲେ । ଜଣେ ସୁଲେଖକ ଭାବେ ମଧୁସୂଦନ ସେଠାରେ ପ୍ରସିଦ୍ଧି ଲାଭ କଲେ ।

ସେତେବେଳେ ଓଡ଼ିଆରେ ମୁଦ୍ରଣ ଯନ୍ତ୍ର ନଥିବାରୁ ବଙ୍ଗଳା ଭାଷାରେ ଲିଖିତ ପାଠ୍ୟ ପୁସ୍ତକ ଆକାରରେ ପଢ଼ାଯାଉଥିବା ବେଳେ ବଙ୍ଗଳାର ପତ୍ନତାତ୍ତ୍ୱିକ ରାଜେନ୍ଦ୍ର ଲାଲ୍ ମିତ୍ର ଏକ ବିଭ୍ରାନ୍ତିକର ମତ ଦେଇ କହିଲେ ଓଡ଼ିଆ ଏକଟି ସ୍ୱତନ୍ତ୍ର ଭାଷା ନୟ। କିନ୍ତୁ ଇଂରେଜ ଶିକ୍ଷାବିତ୍ ହାମିଲ ଟନ୍ ଓଡ଼ିଶାର ଯେ ଏକ ସ୍ୱତନ୍ତ୍ର ଭାଷା ରହିଛି ତାହା ସ୍ୱୀକାର କରିଥିଲେ । କିନ୍ତୁ ନ୍ୟସ୍ତ ସ୍ୱାର୍ଥ ବଙ୍ଗୀୟମାନଙ୍କ ଭାଷା ପ୍ରତି ଦୌରାତ୍ମ୍ୟ ସହଜରେ କମିଲାନାହିଁ । ୧୮୭୦ ବେଳକୁ ଭାଷା ଗତ ଚକ୍ରାନ୍ତରେ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇ ଥିଲା । କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ଯୁକ୍ତି କରି କହିଥିଲେ ଓଡ଼ିଆ ସେଭଳି ଏକ ଭାଷା ନୁହେଁ, ଏହା ହେଉଛି ବଙ୍ଗଳାର ଉପଭାଷା । ଏହା ବଙ୍ଗଳାର କଥିତ ପ୍ରାନ୍ତୀୟ ଭାଷା ନୁହେଁ ବୋଲି ଦୀର୍ଘ ସମୟ ଭାଷଣ ଦେଇ କହିଥିଲେ । ଇଂରେଜ ବୀମସ୍ ସାହେବ ଏସିଆଟିକ୍ ସୋସାଇଟି ବୈଠକରେ **"On the relations of the Oriya to the other Morden Languages."** ଶୀର୍ଷକ ପ୍ରବନ୍ଧ ପାଠ କରି ଓଡ଼ିଆ ଭାଷାର ଅସ୍ତିତ୍ୱ ସଂପର୍କରେ ଆଲୋଚନା କରି କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ । ଏଥିରେ ବିଶେଷ କରି ଲେଫ୍ଟନାଣ୍ଟ ଗଭର୍ଣ୍ଣର କାମ୍ବେଲ ସାହେବ ତଥା ରେଭେନ୍ସା ସାହେବଙ୍କ ଅତୁଳନୀୟ ପ୍ରଚେଷ୍ଟା ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସହାୟକ ହୋଇଥିଲା, ଶେଷରେ ବଙ୍ଗ ସରକାର ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କରିବାକୁ ବାଧ୍ୟ ହୋଇଥିଲେ।

କହିବା ବାହୁଲ୍ୟ ସେ ସମୟରେ ଏହି ଭାଷା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଅନ୍ୟତମ କର୍ଣ୍ଣଧାର ମାନଙ୍କ ମଧ୍ୟରେ ଗୁରୁ ରାଧାନାଥ ରାୟ ଓ ପଟ୍ଟଶିଷ୍ୟ ମଧୁସୂଦନ ରାଓଙ୍କ ନାମ ଅଗ୍ରଗଣ୍ୟ । ମଧୁସୂଦନ ଥିଲେ ଉପଯୁକ୍ତ ଗୁରୁଙ୍କ ଉପଯୁକ୍ତ ଶିଷ୍ୟ । ସେମାନଙ୍କ ସହିତ ମିଳିତ ହୋଇଥିଲେ ସାରସ୍ୱତ ତ୍ରିବେଣୀ ଧାରାର ଅନ୍ୟତମ ଧାରା ସରସ୍ୱତୀ ଫକିରମୋହନ ସେନାପତି । ୧୮୮୬ ମସିହାରେ ଓଡ଼ିଆ ଭାଷାର ଅସ୍ତିତ୍ୱ ବଜାୟ ରଖିବା ନିମନ୍ତେ ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବ ତତ୍ପର ହୋଇ ଆଗେଇ ଆସିଥିଲେ । ସେ ଦେବଗଡ଼ ଠାରେ ଜଗନ୍ନାଥ ବଲ୍ଲଭ ନାମରେ ଏକ ମୁଦ୍ରାଯନ୍ତ୍ର (ଛାପାଖାନା) ପ୍ରତିଷ୍ଠା କରିଥିଲେ। ପରେ ସେହିଠାରୁ 'ସମ୍ବଲପୁର ହିତୈଶିଣୀ' ନାମରେ ଖଣ୍ଡିଏ ସାପ୍ତାହିକ ପତ୍ରିକା ନିଜ ପୃଷ୍ଠ-ପୋଷକତାରେ ଆତ୍ମପ୍ରକାଶ କରିଥିଲା। ପତ୍ରିକାରେ ପ୍ରାଚୀନ ଓଡ଼ିଶାର ଗୌରବ ଆଲୋଚନା ସହିତ ଦେଶର ତତ୍କାଳୀନ ଦୁରାବସ୍ଥା, ଓଡ଼ିଆ ସାହିତ୍ୟ, ମୁନି ଜ୍ଞାନୀ ଶିକ୍ଷିତ ବୁଦ୍ଧିଜୀବିମାନଙ୍କ ଆତ୍ମଚିନ୍ତା, ସ୍ୱଦେଶ ପ୍ରେମ ଜାଗରଣ ଆଦି ବିଷୟରେ ଆଲୋଚନା ପ୍ରକାଶ ପାଉଥିଲା । 'ସମ୍ବଲପୁର ହିତୈଷିଣୀ'ର ଗୁରୁତ୍ୱ ଓ ମହତ୍ତ୍ୱ ବୃଦ୍ଧି କରିବାରେ ଯେଉଁ ସାରସ୍ୱତ ସାଧକ ମାନଙ୍କ ଭୂମିକା ତତୋଧିକ ଥିଲା ସେମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ଭକ୍ତ କବି ମଧୁସୂଦନ ଓ ପଣ୍ଡିତ ବିଶ୍ୱନାଥ କରଙ୍କ ଅବଦାନ ଅତୁଳନୀୟ ।

୧୯୦୦ ମସିହାରେ ମଧୁସୂଦନ ଦାସ, ବଡଲାଟ୍ ଲର୍ଡ କର୍ଜନଙ୍କ ଭାଷା ସମ୍ପର୍କିତ ପରାମର୍ଶ ଫଳରେ ଓଡ଼ିଆ ଅଞ୍ଚଳମାନଙ୍କର ମିଶ୍ରଣ ପର୍ବ ଦାବି କରାଗଲା । ଏପରିକି ସେହି ସମୟରେ ହରପ୍ରସାଦ ଶାସ୍ତ୍ରୀ ନେପାଳ ଦରବାରରୁ ସଂଗ୍ରହ କରିଥିବା ବୌଦ୍ଧଗାନ ଓ ଦୋହା ପୋଥି ବଙ୍ଗଳା ଭାଷା ଅପେକ୍ଷା ଓଡିଆଭାଷାର ଅଧିକ ନିକଟବର୍ତ୍ତୀ । ଠିକ୍ ସେହି ସମୟରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦିଆଯିବା ଫଳରେ ଏହାର ସମ୍ମାନ ବହୁ ଗୁଣରେ ଗୁଣିତ ହୋଇଥିଲା । ୧୯୦୨ ମସିହାରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ବ୍ରହ୍ମପୁରଠାରେ ଏକ ଓଡ଼ିଆ ସମ୍ମିଳନୀ ହୋଇଥିଲା । ସେ ସମୟରେ ଉତ୍ତରରେ ବାଲେଶ୍ୱର, ଦକ୍ଷିଣରେ ଗଞ୍ଜାମ, ପଶ୍ଚିମରେ ସମ୍ବଲପୁର ଓ କେନ୍ଦ୍ରାଞ୍ଚଳ କଟକରେ ବିଭିନ୍ନ ପ୍ରକାରର ସଭାସମିତି ଓ ପ୍ରତିବାଦ ଅନୁଷ୍ଠିତ ହୋଇ ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଶା ପ୍ରଦେଶ ଗଠନ ଲାଗି ଦାବି କରାଗଲା । ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଉତ୍କଳ ସମ୍ମିଳନୀର ଗଠନ ଘଟିଥିଲା । ଏଥିରେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ରାଧାନାଥ, ଫକିରମୋହନ, ନନ୍ଦକିଶୋର, ଗଙ୍ଗାଧର ସମେତ କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ସହଯୋଗ କରିଥିଲେ ।

ସେତେବେଳେ ମଧୁସୂଦନ ରାଓ କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଫଳତଃ ସେ ଭାଷା ସାହିତ୍ୟର ଗୁରୁତ୍ୱ ଉପଲବ୍ଧ କରି ଟ୍ରେନିଂ ସ୍କୁଲରେ ଏକ ଆଲୋଚନା ସଭା। ମାସର ପ୍ରତ୍ୟେକ ଶନିବାର ଦିନ ଏହାର ଅଧିବେଶନ ବସୁଥିଲା । ବହୁ ସାହିତ୍ୟିକ ଏହି ଆଲୋଚନା ସଭାର ସଭ୍ୟ ଥିଲେ । ଏହାର ପ୍ରଥମ ସଂପାଦକ କାର୍ଯ୍ୟ ଚନ୍ଦ୍ର ମୋହନ ମହାରଣା ତୁଲାଇଥିଲେ। କଟକରେ ଏହି ଆଲୋଚନା ସଭା ଏକମାତ୍ର ଥିବା ବେଳେ ଏଥିରେ ବିଶ୍ୱନାଥ କର, ରାମମୋହନ ବସୁ, ଶିକ୍ଷକ ମଧୁସୂଦନ ଦାସ ସଭ୍ୟ ଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଭାଷାର ବ୍ୟବହାର ଓ ଶବ୍ଦ ସଂଯୋଜନା - ଏକ ଅନୁଶୀଳନ

**ପ୍ରତାପ ଚନ୍ଦ୍ର ସାହୁ**

ଭାଷାର ବ୍ୟବହାର ଓ ଶବ୍ଦ ସଂଯୋଜନାରେ ସାରଲ୍ୟ ଓ ସଂକ୍ଷିପ୍ତତାକୁ ଆଦର୍ଶ ବୋଲି ଖୁବ୍ ନିଷ୍ଠା, ପ୍ରତିବଦ୍ଧତାର ସହ କିଛି ଆଧୁନିକ ସାହିତ୍ୟିକ ଗ୍ରହଣ କରିନେଇଥିବାରୁ ଶବ୍ଦ କୋଷ ତଥା ଭାଷା କୋଷ ଗୁଡିକରେ ଥିବା ସହସ୍ରାଧିକ ଶବ୍ଦ ଅଲୋଡା ହୋଇ ପଡିଛନ୍ତି। ପ୍ରଶ୍ନ ଉଠେ ଯଦି ଆମର ସାହିତ୍ୟ, ଆଳାପ, ଆଲୋଚନା ଆଦି କର୍ମମାନ ପାଇଁ ଭାଷାକୋଷ ତଥା ଶବ୍ଦ କୋଷରେ ସ୍ଥାନିତ ଶବ୍ଦାବଳୀ ମଧ୍ୟରୁ ସୀମିତ ଶବ୍ଦରେ କାମ ଚଳାଇଦିଆ ଯାଏ, ତାହାହେଲେ ଏତେ ବଡ କଳେବର ଭାଷାକୋଷର ପ୍ରକାଶନ କରିବାରେ କିଛି ଆବଶ୍ୟକ ନ ଥିଲା ବୋଧେ। ସାମ୍ପ୍ରତିକ ପରିସ୍ଥିତି ରେ ଆଧୁନିକ ଜୀବନର ପରିସର କ୍ରମଶ: ବ୍ୟପକରୁ ବ୍ୟାପକତର ହୋଇଚାଲିଥିଲା ବେଳେ ଭାଷାର ପରିସର କ୍ରମଶ: ଅଧିକରୁ ଅଧିକତର ସଂକିର୍ଣ୍ଣ ଓ ସଂକୁଚିତ ହେବାରେ ଲାଗିଛି। ତଥାକଥିତ ସଭ୍ୟ ଓ ଶାଣିତ ମେଧାଧାରୀ ବୁଦ୍ଧିଜୀବି ମାନେ କଥାବାର୍ତ୍ତା, ପାରସ୍ପରିକ ମତ ବିନିମୟ ଓ ସାହିତ୍ୟିକ କର୍ମରେ ଯେତେ ସମ୍ଭବ ସରଳ ଓ ବୋଧଗମ୍ୟ ଶବ୍ଦ ବ୍ୟବହାର କରିବାକୁ ପରାମର୍ଶ ଦେଇ ଆସୁଛନ୍ତି। ହାତ ଗଣତି କେତେ ଗୋଟି ଶବ୍ଦ ବ୍ୟବହାର କରି କିପରି ସମସ୍ତ ପ୍ରକାର ଯୋଗାଯୋଗ, ମତବିନିମୟ କରାଯାଇ ପାରିବ, ସେ ନେଇ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଉଥିବାର ଜଣାପଡିଛି। ଶିଷ୍ଟ ଓ ଶାସ୍ତ୍ରୀୟ ଉଚ୍ଚାଙ୍ଗ ଶବ୍ଦ ଗୁଡିକ ପ୍ରତି ଶ୍ରଦ୍ଧା ରଖି ସେ ଗୁଡିକୁ ଯଦି ସାହିତ୍ୟରେ ବ୍ୟବହାର କରି ଚାଲିଥିବା ତେବେ କିଛି ଆଧୁନିକ ସାହିତ୍ୟିକ ଏହାକୁ ମରହଟ୍ଟିଆ ଯୁଗର କଥା କହି ଆକ୍ଷେପ କରିବାକୁ ପଛାଉ ନାହାନ୍ତି। ମାତୃଭାଷା ଓଡିଆର ପ୍ରାଚିନତା ଓ ଶାସ୍ତ୍ରୀୟ ବାଙ୍ଗମୟତା ନେଇ ଗର୍ବ ଗୌରବରେ ବକ୍ଷସ୍ଫିତ କରି ଚାଲିଥିଲେ ମଧ୍ୟ ମାତୃଭାଷା ଭଣ୍ଡାରରେ ମହଯୁଦ୍ଧ ଥିବା ଶବ୍ଦର ତତ୍ତ୍ୱ ଗୁଡିକୁ ପ୍ରାୟତ: ଦେଖିବାକୁ ଚାହୁଁ ନାହୁଁ କି ଜାଣିବାକୁ ଇଚ୍ଛା ପ୍ରକାଶ କରୁନାହୁଂ। ଯଦିବା ଦୈବାତ୍ କେହି ସ୍ୱାଭାବିକ ଭାବୋଲ୍ଲାସରେ ଉଚ୍ଚାରଣ ବା ଲିଖନରେ କିଛି ଅଜ୍ଞଜ୍ଞାତ ଅଥବା ଉଚ୍ଚାଙ୍ଗ ଶବ୍ଦ ବ୍ୟବହାର କରେ ତାକୁ ଆଧୁନିକ ସାହିତ୍ୟସମାଜ ମଧ୍ୟଯୁଗୀୟ ସାମନ୍ତବାଦୀ ଚିନ୍ତାଧାରା ବୋଲି ଧରି ନେଉଛି। କାଳେ ଲିଖନରେ ବା ଉଚ୍ଚାରଣରେ ଶବ୍ଦର ଆଡମ୍ବର ପୂର୍ଣ୍ଣ ବା ଅତି ରଜିଂତ ଶବ୍ଦର ବ୍ୟବହାର ହୋଇଯାଏ, ଭାଷାଜ୍ଞାନର ପରିସରକୁ ସୀମିତ, ସଂକୁଚିତ କରିଦିଆଯାଉଛି ବୋଲି କୁହାଯାଉଛି। ଲିଖନ ଉଚ୍ଚାରଣରେ ଶବ୍ଦର ପ୍ରୟୋଗର ବ୍ୟବହାରରେ ସଂଯମତା, ନିୟନ୍ତ୍ରଣ ତଥା ଶୃଙ୍ଖଳା ପ୍ରଦର୍ଶନ କରାଯିବା ଦରକାର। ଏହାଦ୍ୱାରା ଯଦିଓ କିଛି ନକରାତ୍ମକ ପ୍ରଭାବ ପଡୁଛି, କିନ୍ତୁ ସେଥିପ୍ରତି କାହାର ନିଘା ନାହିଂ। ଯେତେବେଳେ ଜଣେ ସତ୍ ଭାଷାପ୍ରେମୀ ମାତୃଭାଷାର ପ୍ରାମାଣିକ ଶବ୍ଦ କୋଷର ପୃଷ୍ଠା ଲେଉଟାଏ, ସେ କେତେ ସୁନ୍ଦର ସୁନ୍ଦର ପୋଷାକ ପରିଛଦରେ ଶୁଶୋଭିତ ଧ୍ୱନିଗତ ଲାଳିତ୍ୟରେ ତରଙ୍ଗିତ ବ୍ୟଞ୍ଜନପୂର୍ଣ୍ଣ ଓ ଭାବ ଗର୍ଭକ ଶବ୍ଦମାନ ପାଇଥାଏ ଏବଂପ୍ରୟୋଗ କରିବାକୁ ଇଚ୍ଛାକରେ। କିନ୍ତୁ ସେ ଯେତେବେଳେ ଭାବିବସେ ଯେ ଏଇସବୁ ବିମଣ୍ଡିତ ଶବ୍ଦାବଳୀ କେବେଠାରୁ ଆମ ସହଜିଆ ଭାଷା ସାହିତ୍ୟିକଙ୍କ ଦ୍ୱାରା ଅସ୍ପୃଶ୍ୟ ଘୋଷିତ ହୋଇସାରିଲାଣି, ସେ ଗଭିର ମର୍ମବେଦନା ଅନୁଭବ କରେ। ବୈଷୟିକ, ବସ୍ତୁବାଦୀ ଓ ଉପଯୋଗୀତା ସର୍ବସ୍ୱ ଶିକ୍ଷା ବ୍ୟବସ୍ଥାର ଶରବ୍ୟ ଆମର ଯୁବବର୍ଗ ଓଡିଆ ଭାଷାର ଯାଦୁକାରୀ ମହିମା ଓ ମହିମ୍ନ ଐଶର୍ଯ୍ୟ ସମ୍ପର୍କରେ ଜାଣିବାର ସମ୍ଭାବନା ଦିନକୁ ଦିନ କ୍ଷିଣ ହେବାରେ ଲାଗିଛି କହିଲେ ଚଳେ। ସହଜ, ସରଳ କଥିତ ଭାଷା ବହୁସ୍ଥଳରେ ବ୍ୟାପକ ଭାବେ ସଂଚାରୀ ହେଲେ ମଧ୍ୟ ଏହାର ବ୍ୟବହାର କାରି ଶ୍ଳୀଳତା, ଶିଷ୍ଟତା, ତଥା ସଂଯମତା ଶୃଙ୍ଖଳତା ରଲକ୍ଷ୍ମଣ ରେଖାମାନକୁ ଉଲଙ୍ଘନ କରିବାରେ ପଛାଉନାହାନ୍ତି। ଗଣଙ୍କ ସରଳ କଥିତ ଭାଷା ବହୁଳ ଭାବରେ ବ୍ୟବହୃତ ହେବା ଦୋଷାବହ ନୁହେଂ, ମାତ୍ର ଦୋଷାବହ ହେଉଛି ବୋଧଗମ୍ୟତା ଓ ସରଳତାର ଦ୍ୱାହୀଦେଇ ସଚେତନ ଭାବେ ଉଚ୍ଚାଙ୍ଗ, ଶାସ୍ତ୍ରୀୟ ବା ସମ୍ଭ୍ରାନ୍ତ ଶବ୍ଦ ଗୁଡିକୁ ଅଛୁଆଁ, ଅଲୋଡା କରିଦେବା। ଏବେ ସମୟ ଆସିଛି ମାତୃଭାଷା ର ଶିଷ୍ଟ ଶାସ୍ତ୍ରୀୟ ଓ ଉଚ୍ଚାଙ୍ଗ ଶବ୍ଦ ଗୁଡିକୁ ଆଦର କରି ଶିଖିବା ସହ ସମୟେ ସମୟେ ସାହିତ୍ୟକୁ ଏପରି ଭାବେ ଆମ ନିତିଦିନିଆ କଥୋପକଥନରେ ବ୍ୟବହାର କରିବା ଯେପରି ଭାଷାର ଗାରିମା, ଐତିହ୍ୟ ସର୍ବ ସମ୍ମୁଖ ରେ ପ୍ରତିଷ୍ଠା ହୋଇପାରିବ। ଲିଖନ, ଉଚ୍ଚାରଣରେ ପାଣି, ପବନ, ଆକାଶ, ପାହାଡ ଆଦି ଜଣାଶୁଣା ଶବ୍ଦ ଗୁଡିକୁ ଆଦର କରିବା ସଙ୍ଗେ ସଙ୍ଗେ ରୟ, ଅନିଳ, ଅଭ୍ର, ଅଦ୍ରୀ, ନଗ, ମହିଧର, ଶବ୍ଦ ଗୁଡିକୁ ଆଦରକରି ଶିଖିବା ସହ ସମୟ ସ୍ଥଳେ ବ୍ୟବହାର କରିବାକୁ ଚେଷ୍ଟା କରିବା, ନହେଲେ ଭାଷାକୋଷରେ ଯେଉଁ ସହସ୍ରାଧିକ ତଦ୍ ଭବ, ତଦ୍ ସମ ଓ ଲଳିତ ଦେଶଜ ଶବ୍ଦ ଗୁଡିକ ସନ୍ନିବିଷ୍ଟ ହୋଇଛନ୍ତି ସେଗୁଡିକ ଅଳ୍ପ ଦିନ ମଧ୍ୟରେ ଭାଷା ଇତିହାସର ଯାଦୁଘରକୁ ସ୍ଥାନାନ୍ତରିତ ହୋଇଯିବ। କଥାରେ ଅଛି 'ଚାଷୀ ହୁଡିଲେ ବରଷେ କିନ୍ତୁ ଭାଷା ହୁଡିଲେ ପୁରୁଷେ'। ଏଣୁ ଭାଷା ତିଷ୍ଠି ରହିବା ନେଇ ସମସ୍ତେ ସବୁ ସ୍ତରରେ ସଚେତନ ହେବା ସହ ଆନ୍ତରିକତା ର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।


ନବରଙ୍ଗପୁର

ମୋ:୯୪୩୭୭୮୮୮୬୦





## ପାଞ୍ଚଟି ଖରା କବିତା

### ଦିଲିପ୍ କୁମାର ତ୍ରିପାଠୀ



॥ ୧ ॥
ଖରାଦିନ ଗୁଡ଼ା ଖୁବ୍ ବାଧେ
ବାପାଙ୍କ କଟୁକ୍ତି ପରି
ବୋଉର ନୀରବତା ପରି
ଶାଶୁ ଗଞ୍ଜଣା ପରି
ଆଉ ସଦ୍ୟ ପ୍ରେମିକାର ମୁହଁ ମୋଡ଼ା
ପରି

॥ ୨ ॥
କିଛି ଲୋକ ଶୋଷି ନିଅନ୍ତି
ଟଙ୍କା-ପଇସା, ମାନ-ସମ୍ମାନ
ବେଳେବେଳେ ଜୀବନ,
ଆଉ କିଛି ଶୋଷନ୍ତି ରକ୍ତ ।
କେଡେ ବୁଦ୍ଧୁଟେ ଏ ଖରା ମ !
ଖାଲି ଦେହରୁ ପାଣି ଶୋଷି ଖୁସି
ହଉଛି !!!

॥ ୩ ॥
ମୁନ୍ଦେ ପାଣି ,ମୁଠେ ପଖାଳ
ଟିକେ ଛାଇ, ଟିକେ ପବନ
ମିଳିଗଲେ ...ଖରାଦିନଟା
କଟିଯାଆନ୍ତା ଯେ !

॥ ୪ ॥
ଆଉ କାହା ଓଳିତଳେ ଛିଡ଼ା ହେଇ
କାକର ଟୋପା ଗୋଟେଇବା
ଅପେକ୍ଷା
ଡହଡହ ତତଲା ଝାଞ୍ଜି ପବନ
ମୋତେ ବେଶି ଭଲ ଲାଗେ !

॥ ୫ ॥
ଖରାଦିନେ ଖାଲି ଖରା ହୁଏନି
ବେଳେବେଳେ ଦେବତା ମାନେ
ରାଗ ଦେଖାନ୍ତି ।


ଢେଙ୍କାନାଳ,
ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ମୋ :୯୭୭୮୧୦୬୧୦୫


## ମର୍ଯ୍ୟାଦା ପୁରୁଷ ଶ୍ରୀରାମ

### ରାମ ଚନ୍ଦ୍ର ପ୍ରଧାନ



ଭଜ ରାମ ନାମ ଜପ ରାମ ରାମ
ରାମ ହିଁ ମୁକ୍ତିର ଧାମ
ସବୁ ମିଛ ଏଠି ସତ୍ୟ ରାମ ନାମ
ବୋଲ ହେ ଜୟ ଶ୍ରୀରାମ...

ମୁକତି ମିଳେନା ତୁମ ବିନା ଏଠି
ଆହେ ରାଜୀବ ଲୋଚନ
ବନ୍ଧୁ ବି ମିଳେନା ତୁମ ବିନା ଏଠି
ହେ ରଘୁକୁଳ ନନ୍ଦନ...

ବିଶ୍ୱାସରେ ତୁମେ ନିଶ୍ୱାସରେ ତୁମେ
ଯୁଗେ ଯୁଗେ ତୁମ ନାମ
ଆବେଗରେ ତୁମେ କ୍ରନ୍ଦନରେ ତୁମେ
ମୋ ସ୍ପନ୍ଦନେ ତୁମ ନାମ...

ଦଶରଥ ସୁତ ହେ ଜାନକୀ କାନ୍ତ
କୌଶଲ୍ୟାର ଗଣ୍ଠିଧନ
ଆହେ ରଘୁନାଥ ପରଜା ବତ୍ସଳ
ଭକତର ଭଗବାନ...

ତୁମ ପାଦ ସ୍ପର୍ଶେ ପାଷାଣୀ ଅହଲ୍ୟା
ପାଇଲା ମୁକ୍ତିର ପଥ
ମାରି ଦଶାନନ ସୀତା ଉଦ୍ଧାରିଲ
ଗଡ଼ାଇ ବିଜୟ ରଥ...

ଦ୍ୱାପରରେ କୃଷ୍ଣ ତ୍ରେତୟାରେ ରାମ
କେଉଁ ଯୁଗେ କେଉଁ ରୂପ
ତୁମେ ନାରାୟଣ ତୁମେ ବୃନ୍ଦାବନ
ତୁମେ ଭରସାର ଦୀପ...

ହେ ଅଯୋଧ୍ୟା ପତି ମର୍ଯ୍ୟାଦା ପୁରୁଷ
ତୁମେ ହିଁ କୋଦଣ୍ଡଧାରୀ
ଯୁଗେ ଯୁଗେ ରଖ ଭକତର ମାନ
ପାପୀକୁ ବିନାଶ କରି...


ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬


## ଖୁସି ବୋଲି ଯଦି କିଛି ଅଛି

### ଦିବାକର ନାୟକ

ଖୁସି ବୋଲି ଯଦି କିଛି ଅଛି ପ୍ରଭୁ
ସେଇ ଖୁସି କେବେ ଦିଅନି ମୋତେ
ଜନ୍ମରୁ ଯା ସାଥେ ପରିଚୟ ନାହିଁ
ପାଇବାକୁ ଆଉ ଚାହୁଁନି ଚିତ୍ତେ ।

ଯେମିତି ରଖିଛ ଆଜି ଯାଏ ମୋତେ
ଭାବି ମୁଁ ନେଇଛି ଆଶିଷ ତୁମ
ଖାଲ ଢିପ ସବୁ ଲଙ୍ଘିବା ଶିଖିଛି
ଅନ୍ଧ ଭଳି ଟାଳି ସବୁ ବିଷମ

ଶୂନ୍ୟ ମହାଶୂନ୍ୟ ଆଶା ଭରସା ମୋ
ସେ ସବୁରେ ପୂରି ରହିଛ ସତେ..
ଖୁସି ବୋଲି ଯଦି କିଛି ଅଛି ପ୍ରଭୁ
ସେଇ ଖୁସି କେବେ ଦିଅନି ମୋତେ ।

ଫଗୁଣରେ ତୁମ ହସ ମୁଁ ଦେଖିଛି
ହୃଦୟେ ଫୁଟିଛି ପୁଲକ କଳି
ଚଇତାଳି ବାଆ ଦିଏ ତୁମ ଛୁଆଁ
ଶ୍ରାବଣେ ପାଦୋକ ଦେଇଛ ଢାଳି

ଶରତେ ମୋ ପାଇଁ ସୁନାର ଚାନ୍ଦିନୀ
ରୂପା କାଶତଣ୍ଡି ଖଞ୍ଜିଛ କେତେ..
ଖୁସି ବୋଲି ଯଦି କିଛି ଅଛି ପ୍ରଭୁ
ସେଇ ଖୁସି କେବେ ଦିଅନି ମୋତେ ।


ପାଟପୁର କନିସି ଗଞ୍ଜାମ
ମୋ ୯୯୩୮୬୧୯୯୮୧


## ପକ୍ଷୀଟିଏ ବୋଲି ଭାବନାହିଁ ମୋତେ

### ପ୍ରତିଭା ସାହୁ

ବିଧାତା ସୃଷ୍ଟିର ମୁଁ ଏକ ପକ୍ଷୀ
ଭାବ ନାହିଁ କେବେ ଛୋଟ
ମୁଁ ବି ଗାଇପାରେ ଗୀତ
ମୋ କୁନି କଣ୍ଠରେ..
ବିଜ୍ଞ କି ନ ବୁଝ
ଭାବ ନାହିଁ ଅର୍ଥହୀନ
ମୋ ଗୀତରୁ ଝରି ପଡେ
ମିଠା ମିଠା ଅମୃତ....।

ଗୀତରେ ଗୀତରେ
ଶିହରଣ ଜାଗେ
ରଙ୍ଗିନ୍ କରିଦିଏ
ମୋ ଆଶାର ଆକାଶ...
ମୁଠା ମୁଠା ସ୍ୱପ୍ନ ଆଙ୍କିଦିଏ
ସାରା ଭରା ସବୁଜ ବନାନୀରେ
ଦୂର କରେ ମନୁ
ମୋ ପ୍ରିୟାର ଅବଶୋଷ....।

ମୋ ଅଭିମନ୍ତ୍ରିତ ହୃଦଭେଦି ସ୍ୱରରେ
ଆନ୍ଦୋଳିତ ହୁଏ
ସଭିଙ୍କର ମନ
ବୁକୁରେ ଜମାଟ ବାନ୍ଧିଥିବା
ଦୁଃଖର ବରଫ ସବୁ
ତରଳି ସ୍ନିଗ୍ଧ ହୁଏ ଶରୀର
ଜାଗି ଉଠେ ନୂଆ ନୂଆ ସ୍ୱପ୍ନ....।

ସତେ କି କୁହୁକ ଦ୍ୱୀପରୁ
ଏବେ ଏବେ ଉଦ୍ଧାର ପାଇଛି
ଆମ ପକ୍ଷୀଙ୍କର ରାଣୀ....
ଉଜୁଡା ସଂସାର ସଜାଡି ଦେବ
ମୋ କିଚିରି ମିଚିରି ଗୀତ
ନେବ ସଭିଙ୍କର ମନ ଜିଣି....।


ବଇଣ୍ଡା, ହାଇସ୍କୁଲ ରୋଡ୍
ମୋ: ୭୦୦୮୨୩୬୯୯୧

# ପ୍ରଭାସଙ୍କ 'ଆଦିପୁରୁଷ' ପୋଷ୍ଟରକୁ ପସନ୍ଦ କରୁନାହାନ୍ତି ଦର୍ଶକ



ରାମ ନବମୀ ଅବସରରେ ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ'ର ପୋଷ୍ଟର ରିଲିଜ ହୋଇଛି । ଏହି ପୋଷ୍ଟର ରିଲିଜ୍ ପାଇଁ ଦୀର୍ଘ ସମୟ ଧରି ପ୍ରସ୍ତୁତି ଚାଲିଥିଲା । ହେଲେ ପ୍ରଶଂସକମାନେ ଏହି ପୋଷ୍ଟରକୁ ଦେଖିବା ପରେ ଆଦୌ ବି ପସନ୍ଦ କରିନାହାଁନ୍ତି । ବିଶେଷ କରି ପ୍ରଭାସଙ୍କ ପ୍ରଶଂସକମାନେ ଏହି ପୋଷ୍ଟର ଦେଖି ବହୁତ ନିରାଶ ହୋଇଛନ୍ତି । ଏହି ଚଳଚ୍ଚିତ୍ରରେ ପ୍ରଭାସ ରାମ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଅଭିନେତ୍ରୀ କ୍ରିତି ସାନନଙ୍କୁ ସୀତା ଚରିତ୍ରରେ ଦେଖିବାକୁ ମିଳିବ । ସେହିପରି ସନି ସିଂହ ଲକ୍ଷ୍ମଣଙ୍କ ଭୂମିକା ନିଭାଇଥିବା ବେଳେ ରାବଣ ଚରିତ୍ରରେ ବିରଜମାନ ହୋଇଛନ୍ତି ସୈଫ୍ ଅଲ୍ଲୀ ଖାନ୍ । ହନୁମାନଙ୍କ ଚରିତ୍ରରେ ଦେଖିବାକୁ ମିଳିବେ ଦେବଦତ୍ତ ନାଗେ ।

ଏହି ଚଳଚ୍ଚିତ୍ରଟି ରାମାୟଣ କାହାଣୀ ଉପରେ ଆଧାରିତ ଏବଂ ଆସନ୍ତା ଜୁନ୍ ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି । ହେଲେ ଲାଗୁଛି ଯେ ପ୍ରଶଂସକମାନେ ଫିଲ୍ମର ପୋଷ୍ଟରକୁ ପସନ୍ଦ କରିନାହାଁନ୍ତି । ପ୍ରଶଂସକମାନେ ପୋଷ୍ଟରରେ ଅନେକ ତ୍ରୁଟି ପାଇଛନ୍ତି ଏବଂ ସମାଲୋଚନା କରିବା ବି ଆରମ୍ଭ କରି ଦେଇଛନ୍ତି ।

ଜଣେ ପ୍ରଶଂସକ ପ୍ରଭାସଙ୍କୁ ଅନୁରୋଧ କରି ଲେଖିଛନ୍ତି, 'ସାର ଏହି ଫିଲ୍ମ ରିଲିଜ୍ କରନ୍ତୁ ନାହିଁ' । ପୋଷ୍ଟର ରିଲିଜ୍ ହେବା ପରେ ପ୍ରଥମ ଥର ପାଇଁ ପ୍ରଭାସଙ୍କୁ ଏତେ ଅଧିକ ଟ୍ରୋଲ୍ ହେବାର ଦେଖିବାକୁ ମିଳୁଛି । ରିଲିଜ୍ ହୋଇଥିବା ପୋଷ୍ଟରେ କ୍ରିତି ସନନ୍‌ଙ୍କ ମୁହଁରେ ଏକ ଛାଇ ଦେଖିବାକୁ ମିଳିଥିବା ବେଳେ ଏଡିଟିଂକୁ ନେଇ ବି ଟ୍ରୋଲର୍ସ ପ୍ରଶ୍ନ ଉଠାଇଛନ୍ତି ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚାହିଁଥିବି ତତେ ହଜାରେ ବରଷ'

ଉଇ ଆଇକନ୍‌ସ ବ୍ୟାନରରେ ନିର୍ମିତ 'ଚାହିଁଥିବି ତତେ ହଜାରେ ବରଷ'ର ପ୍ରଯୋଜନା କରିଛନ୍ତି ଭାରତୀ ନାୟକ । ଚଳଚ୍ଚିତ୍ରର ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ଦେବପ୍ରିୟ ସେନାନାୟକ । କାହାଣୀଟି ଏକ ତ୍ରିକୋଣୀୟ ପ୍ରେମ କାହାଣୀ ହେଇଥିଲେ ବି ଏଥିରେ ଥିବା ପାରିବାରିକ ଡ୍ରାମା ରୋଚକ ହୋଇଛି । ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ସଜବାଜ ହେଉଛି ଏଇ ନୂଆ ଚଳଚ୍ଚିତ୍ର 'ଚାହିଁଥିବି ତତେ ହଜାରେ ବରଷ' । ଚଳିତ ସପ୍ତାହରେ ଭୁବନେଶ୍ୱରର ଏକ ତାରକା ହୋଟେଲ ପରିସରରେ ଏଇ ଚଳଚ୍ଚିତ୍ରର ଟ୍ରେଲର ଓ ଟିଜର ରିଲିଜ୍ ହୋଇସାରିଛି ।

ଏଥିରେ ନାୟକ ଭୂମିକାରେ ଶୁଭମ୍ ନାୟକ ଥିବାବେଳେ ନାୟିକା ଭୂମିକାରେ ଅଛନ୍ତି ସୁଶ୍ରୀ ରଥ । ଏ ଦୁହିଙ୍କ ବ୍ୟତୀତ ଉକ୍ତ ଚଳଚ୍ଚିତ୍ରରେ ସ୍ୱର୍ଗତ ମିହିର ଦାସ, ରତନ ମେହେର, କାଳୀଚରଣ, ଯୋଗେଶ ଜୋଜୋ, କେଦାର ପଟେଲ୍, ଝାନ୍‌ସୀରାଣୀ ଦାସ, ମୁନିଆ ପାଣିଗ୍ରାହୀ ପ୍ରମୁଖଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ । ମନୋଜ ନାୟକ ଏହାର କାହାଣୀ ପରିକଳ୍ପନା କରିଥିବା ବେଳେ ସଂଳାପ ଲେଖିଛନ୍ତି ମନୋରଂଜନ ଦାସ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୌମିତ୍ରୀ ।



# ବକ୍ସଅଫିସରେ ନୁହେଁ, ୟୁଟ୍ୟୁବରେ ରେକର୍ଡ କରୁଛି ଏହି ସାଉଥ ଫିଲ୍ମ



ଅଭିନେତ୍ରୀ ରାକୁଲପ୍ରୀତ ସିଂ ଯଦିଓ ବଲିଉଡ ଫିଲ୍ମରେ କମ୍ ନଜର ଆସିଛନ୍ତି କିନ୍ତୁ ଆଜିକାଲି ସାଉଥ ଇଣ୍ଡଷ୍ଟ୍ରିରେ ତାଙ୍କୁ ନେଇ ଖୁବ ପ୍ରଶଂସା ଶୁଣିବାକୁ ମିଳୁଛି । ବାସ୍ତବରେ ସାଉଥ ଅଭିନେତା ବେଲମକୋଣ୍ଡା ଶ୍ରୀନିବାସଙ୍କ ସହ ରାକୁଲପ୍ରୀତଙ୍କ ଏକ ଫିଲ୍ମ ୟୁଟ୍ୟୁବରେ ରେକର୍ଡ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି । ବାସ୍ତବରେ ଉଭୟଙ୍କ ତେଲୁଗୁ ଚଳଚ୍ଚିତ୍ର 'ଜୟା ଜାନକୀ ନାୟକ'ର ହିନ୍ଦୀ ଡବିଙ୍ଗ ଫିଲ୍ମ 'ଖୁଙ୍କାର'କୁ ୟୁଟ୍ୟୁବରେ ୭୦୦ ମିଲିୟନ୍ ଥର ଦେଖାଯାଇଛି । ବାସ୍ତବରେ ୟୁଟ୍ୟୁବରେ ସାଉଥ ଚଳଚ୍ଚିତ୍ରର ବହୁତ ଡିମାଣ୍ଡ ରହିଛି । ଅଧିକାଂଶ ୟୁଜର୍ସ ୟୁଟ୍ୟୁବରେ ହିନ୍ଦୀ ଡବିଙ୍ଗ ହୋଇଥିବା ସାଉଥ ସିନେମା ଦେଖିବାକୁ ସର୍ଚ୍ଚ କରିଥାନ୍ତି ।

ତେବେ ଏହି ଫିଲ୍ମ ବିଷୟରେ କହିବାକୁ ଗଲେ ୨୦୧୮ ମସିହା ଫେବୃଆରୀ ମାସରେ, ପେନ ମୁଭିଜ ପକ୍ଷରୁ 'ଖୁଙ୍କାର'ଙ୍କୁ ୟୁଟ୍ୟୁବରେ ରିଲିଜ କରାଯାଇଥିଲା, ଯାହାକୁ ୟୁଟ୍ୟୁବରେ ଦର୍ଶକମାନେ ବହୁତ ପସନ୍ଦ କରିଥିଲେ । ଏହି ସମୟରେ, ଏହି ଚଳଚ୍ଚିତ୍ରକୁ ୭୦୯ ନିୟୁତ ଥର ଦେଖାଯାଇଛି । ଖବର ଅନୁଯାୟୀ, ଖୁଙ୍କାର, ୟୁଟ୍ୟୁବରେ ସର୍ବାଧିକ ଦେଖାଯାଇଥିବା ହିନ୍ଦୀ ଡବିଙ୍ଗ ଫିଲ୍ମ ହୋଇ ରେକର୍ଡ କରିଛି । ଏହି ଚଳଚ୍ଚିତ୍ରରେ ଭରପୁର ଆକ୍ସନ ଥିବାବେଳେ ଏକ ସୁନ୍ଦର ପ୍ରେମ କାହାଣୀ ମଧ୍ୟ ରହିଛି । ତେବେ ୟୁଟ୍ୟୁବରେ ସଫଳତା ପରେ ବେଲମକୋଣ୍ଡା ଶ୍ରୀନିବାସ ବଲିଉଡରେ ପାଦ ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି ।

## ଅଡୁଆରେ ତାପସୀ: ରୁଜୁ ହେଲା ମାମଲା

ବଢ଼ିଲା ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଅଡୁଆ । ତାଙ୍କ ବିରୋଧରେ ରୁଜୁ ହେଲା ମାମଲା । ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗରେ ତାଙ୍କ ନାଁରେ ଥାନାରେ ଏତଲା ହୋଇଛି । ମଧ୍ୟପ୍ରଦେଶ ଇନ୍ଦୋରର ଛତ୍ରପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ହିନ୍ଦ ରକ୍ଷକ ସଙ୍ଗଠନ । ତାପସୀ ନିକଟରେ ଏକ ଫ୍ୟାଶନ ଶୋ'ରେ ରାମ୍ପୱାକ୍ କରିଥିଲେ । ଏହି ସମୟରେ ସେ ଏକ ରିଭଲିଙ୍ଗ ବୋଲ୍ଡ ଡ୍ରେସ୍‌ରେ ନଜର ଆସିଥିଲେ । ଏହି ଡ୍ରେସ୍ ସହ ସେ ବେକରେ ଏକ ସୁନାର ଭାରି ଅଲଙ୍କାର ମଧ୍ୟ ପିନ୍ଧିଥିବା ଦେଖିବାକୁ ମିଳିଥିଲା, ଯେଉଁଥିରେ ମାତା ଲକ୍ଷ୍ମୀଙ୍କ ପ୍ରତିମା ତିଆରି ହୋଇଥିଲା । ମାର୍ଚ୍ଚ ୧୪ ତାରିଖରେ ମୁମ୍ବାଇରେ ଆୟୋଜିତ ଲାକ୍ମି ଫ୍ୟାଶନ ୱିକ୍‌ର ରାମ୍ପୱାକ୍‌ରୁ ଏହି ଫଟୋ ଓ ଭିଡିଓକୁ ଖୋଦ୍ ତାପସୀ ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ଶେଆର କରିଥିଲେ । ତେବେ ଏହି ଫଟୋ ଆଉ ଭିଡିଓ ସାମ୍ନାକୁ ଆସିବା ପରେ ତାପସୀ ମାତା ଲକ୍ଷ୍ମୀଙ୍କ ଲକେଟ୍ ସହ ରିଭଲିଙ୍ଗ ଡ୍ରେସ୍ ପିନ୍ଧି ହିନ୍ଦୁଧର୍ମ ପ୍ରତି ଅପମାନ କରିଥିବା ହିନ୍ଦ ରକ୍ଷକ ସଙ୍ଗଠନ ଅଭିଯୋଗ କରିଛି । ଏଭଳି କରି ସେ ସନାତନ ଧର୍ମର ଛବିକୁ ଆଘାତ ପହଞ୍ଚାଇଥିବା ଅଭିଯୋଗକାରୀ କହିଛନ୍ତି ।

# ଆଇନଜୀବୀ ଭୂମିକାରେ ବୁଦ୍ଧାଦିତ୍ୟ

ବେଶ କିଛି ଦିନର ବ୍ୟବଧାନ ପରେ ବଡ଼ ପରଦାକୁ ଫେରୁଛନ୍ତି ଓଲିଉଡର ଲୋକପ୍ରିୟ ନାୟକ ବୁଦ୍ଧାଦିତ୍ୟ ମହାନ୍ତି । ସେ ଯେଉଁ ସିନେମାରେ ପୁଣି ନଜର ଆସିବେ ତାହା ହେଲା 'ଡେଲିଭରି ବୟ' । ଏଥିରେ ବୁଦ୍ଧାଦିତ୍ୟଙ୍କୁ ଜଣେ ଆଇନଜୀବୀ ଭୂମିକାରେ ଦେଖିବାକୁ ମିଳିବ । ଏଥିରେ ତାଙ୍କ ଚରିତ୍ରର ନାଆଁ ହେଲା ବଚ୍ଚନ ଭାଇ । ଏହାଛଡ଼ା ଶୈଳେନ୍ଦ୍ର, ପ୍ରିୟମ୍ବଦା ଓ ସୂର୍ଯ୍ୟମୟୀଙ୍କୁ ବି ଦେଖିବାକୁ ମିଳିବ । ସବୁଠାରୁ ମଜା କଥା ହେଲା ଯେ ସୂର୍ଯ୍ୟମୟୀ ବି ଆଇନଜୀବୀ ଭୂମିକାରେ ଅଛନ୍ତି । ବୁଦ୍ଧାଦିତ୍ୟ ଓ ସୂର୍ଯ୍ୟମୟୀଙ୍କ ଭିତରେ କଡ଼ା ଟକ୍କର ଦେଖିବାକୁ ପାଇବେ ଦର୍ଶକ । ଏହାର ନିର୍ଦ୍ଦେଶକ ହେଲେ ଅଶ୍ୱିନୀ ତ୍ରିପାଠୀ । ବୈଦ୍ୟନାଥ ଦାଶ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ୨୦୦୬ରେ ରିଲିଜ୍ ହୋଇଥିବା 'ଆଇ ଲଭ ମାଇଁ ଇଣ୍ଡିଆ'ରୁ ବୁଦ୍ଧାଦିତ୍ୟ ଓଲିଉଡରେ କ୍ୟାରିଅର୍ ଆରମ୍ଭ କରିଥିଲେ । ଏହାପରେ ସେ 'ପ୍ରେମରୋଗୀ', 'ନନ୍ଦିନୀ ଆଇ ଲଭ୍ ୟୁ', 'ଲୋଫର୍ , 'ତୁ ଥିଲେ ମୋ' ଡର କାହାକୁ, 'ପାଗଳ କରିଚି ପାଉଁଜି ତୋ'ର', ସଙ୍ଗମ, ଓମସାଇରାମ, 'କେଉଁ ଦୁନିଆଁରୁ ଆସିଲ ବନ୍ଧୁ', 'ଜଗା ହାତରେ ପଘା', ବାଏବାଏ ଦୁବାଇ ଓ 'ଶ୍ରୀମାନ୍ ସୁରଦାସ' ଆଦି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି । ଖାଲି ସେତିକି ନୁହେଁ ସେ କେତେକ ହିନ୍ଦୀ ମେଗା ଧାରାବାହିକରେ ବି ଅଭିନୟ କରି ଖ୍ୟାତି ଅର୍ଜନ କରିଛନ୍ତି ।



# କ୍ୟାନ୍ସର ହସ୍ପିଟାଲ ଖୋଲିବେ ଅଭିନେତ୍ରୀ ରାକ୍ଷୀ ସାୱନ୍ତ

ଆଦିଲ ଖାନ୍ ଦୁରାନୀଙ୍କୁ ଦ୍ୱିତୀୟ ବିବାହ କରିବା ପରେ ଇସଲାମ ଗ୍ରହଣ କରିଥିବା କହିଥିଲେ ବଲିଉଡ ଅଭିନେତ୍ରୀ ରାକ୍ଷୀ ସାୱନ୍ତ । ଏବେ ସେ କେବଳ ଇସଲାମ ଗ୍ରହଣ କରିନାହାନ୍ତି ବରଂ ସବୁ ପର୍ବ ପାଳନ କରୁଥିବା କହିଛନ୍ତି । ରାକ୍ଷୀ ଏବେ ରମଜାନ ମାସରେ ଉପବାସ ରଖିଥିବା କହିବା ସହ କ୍ୟାନସର ହସ୍ପିଟାଲ ଖୋଲିବାକୁ ଚାହୁଁଥିବା କହିଛନ୍ତି ।

ଶନିବାର ଫଟୋଗ୍ରାଫରଙ୍କୁ ସାକ୍ଷାତକାର ଦେଇ ରାକ୍ଷୀ କହିଛନ୍ତି, 'ମୁଁ ମୋର ଉପବାସ ଭାଙ୍ଗିବାକୁ ଏଠାକୁ ଆସିଛି । ମୁଁ ବର୍ତ୍ତମାନ ଉପବାସ ଭାଙ୍ଗିବି । ମୁଁ ସକାଳୁ ଘରେ ରହି ନମାଜ ପଢ଼ିବା ସହ ଉପବାସ କରିଥିଲି । ଭଗବାନ ମୋତେ ଏତେ ବଡ଼ ବିପଦରୁ ରକ୍ଷା କରିଛନ୍ତି, ସେଥିପାଇଁ ଧନ୍ୟବାଦ ଜଣାଇଥିଲି । ମୁଁ ଭଗବାନଙ୍କୁ ଅନୁରୋଧ କରୁଛି ଯେ ମୋତେ କ୍ୟାନସର ହସ୍ପିଟାଲ ଖୋଲିବାକୁ ସେ ଯଥେଷ୍ଟ ସକ୍ଷମ କରନ୍ତୁ ।'

ଏହା ପୂର୍ବରୁ ସେ କହିଥିଲେ "ମୋର ଖାଲିଦ ମାମୁ, ୱାହିଦ୍ ଭାଇ ସେମାନେ ଜାମା ମସଜିଦ୍ ପାଇଁ ଭିସା ପାଇବାକୁ ଚେଷ୍ଟା କରୁଛନ୍ତି । ଭିସା ମିଳିଲେ ମୁଁ ଉମରାହ ଯାଇପାରିବି । ମୁଁ ଏବେ ରୋଜା ଠିକ୍ ଭାବରେ ରଖିବାକୁ ଚାହୁଁଛି, ଯାହାଦ୍ୱାରା ମୋର ପାପ ଧୋଇଯିବ । ଯଦି ମୁଁ ରମଜାନ ସମୟରେ ଉମରାହ ଯାଏ, ତେବେ ମୋର ଭାଗ୍ୟ ଖୋଲିଯିବ । ମୁଁ ପ୍ରତିଦିନ ପାଞ୍ଚଥର ନମାଜ ପଢୁଛି । ସେହି ଉପରବାଲା ଚାହିଁଲେ ମୁଁ ଉମରାହ ଯାଇପାରିବି ।



# ପ୍ରିୟଙ୍କା ବଲିଉଡ ଛାଡିବାର କାରଣକୁ ସମର୍ଥନ କଲେ କଙ୍ଗନା, କରଣ ଜୋହାରଙ୍କ ଉପରେ କଲେ ସିଧା ଟାର୍ଗେଟ

ପ୍ରିୟଙ୍କା ଚୋପ୍ରାଙ୍କ ବଲିଉଡରୁ ବିଦାୟ ନେବା କଥା ବର୍ତ୍ତମାନ ଚର୍ଚ୍ଚା ଚାଲିଛି । ଏନେଇ କଙ୍ଗନା ରନାୱତ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । କଙ୍ଗନା କହିଛନ୍ତି ଯେ, ଇଣ୍ଡଷ୍ଟ୍ରୀର ପରିବେଶ କରଣ ଜୋହାରକୁ ନେଇ ହୋଇଛି । ଶାହାରୁଖ ଖାନଙ୍କ ସହ ପ୍ରିୟଙ୍କାଙ୍କ ସାଙ୍ଗ ହେବା କାରଣରୁ ତାଙ୍କୁ ଭାରତ ଛାଡିବାକୁ ବାଧ କରାଯାଇଥିଲା ଏବଂ ଏହା ପଛରେ କରଣ ଜୋହାରଙ୍କ ହାତ ରହିଛି । ପ୍ରିୟଙ୍କା କାହାର ନାମ ନ ନେଇ କହିଥିଲେ ଯେ, ମୋତେ ବହୁତ ଦିନ ହେଲାଣି ଇଣ୍ଡଷ୍ଟ୍ରୀରେ କାମ ମିଳୁ ନଥିଲା ଏବଂ ମୁଁ ଏହି ଇଣ୍ଡଷ୍ଟ୍ରୀର ଚକ୍ରାନ୍ତ ଖେଳରେ ଥକି ପଡିଥିଲି । ପ୍ରିୟଙ୍କା ଇସାରା ଦେଇ ପୁଣି କହିଥିଲେ, ଲୋକ ତାଙ୍କ କ୍ୟାରିୟର ଖରାପ କରିବାରେ ଉସ୍ତାଦ ଅଟନ୍ତି । କିନ୍ତୁ କଙ୍ଗନା ବର୍ତ୍ତମାନ ଲେଖିଛନ୍ତି ଯେ, ଜଣେ ନିଜକୁ ନିଜେ ତିଆରି କରିଥିବା ଝିଅଙ୍କୁ ଭାରତ ଛାଡିବାକୁ ପଡିଲା । ସମସ୍ତେ ଜାଣିଛନ୍ତି ଯେ, କରଣ ଜୋହାର ତାଙ୍କୁ ବ୍ୟାନ କରିଥିଲେ । କଙ୍ଗନା ଏହି ସବୁ କଥାକୁ ଟ୍ୱିଟ କରିଛନ୍ତି । ସେ କହିଛନ୍ତି ଯେ, ମିଡିଆ କରଣ ଜୋହାରଙ୍କ ବିବାଦୀୟ କାରଣ ପାଇଁ ଶାହାରୁଖ ଖାନଙ୍କ ଠାରୁ ପ୍ରିୟଙ୍କା ଚୋପ୍ରାଙ୍କ ବନ୍ଧୁତ୍ୱ ବିଷୟରେ ବହୁତ କିଛି କଥା ଲେଖିଛନ୍ତି । ମୁଭି ମାଫିଆ କ୍ଲୁଏଲା ଯିଏ ସର୍ବଦା ଦୁର୍ବଳ ଆଉଟସାଇଡର୍ସର ଖୋଜିବାରେ ରହିଥାଏ । ତାକୁ ପ୍ରିୟଙ୍କା ପରଫେକ୍ଟ ପଞ୍ଚିଙ୍ଗ ବ୍ୟାଗ ଦେଖାଯାଇଥିଲା । ସେ ତାଙ୍କୁ ପ୍ରତାଡିତ କରିବା ପାଇଁ ନିଜର ସମସ୍ତ ଶକ୍ତି ଲଗାଇ ଦେଇଥିଲେ, ସେଥିପାଇଁ ପ୍ରିୟଙ୍କାଙ୍କୁ ଭାରତ ଛାଡିବା ପାଇଁ ପଡିଥିଲା । କଙ୍ଗନା ଅନ୍ୟ ଏକ ଟ୍ୱିଟରେ ଲେଖିଛନ୍ତି ଯେ, ଅମିତାଭ ବଚନ ଏବଂ ଶାହାରୁଖ ଖାନ ମଧ୍ୟ ଆଉଟ ସାଇଡର ଥିଲେ । ହେଲେ ତାଙ୍କ ସମୟରେ ଇଣ୍ଡଷ୍ଟ୍ରୀର ପରମ୍ପରା ଏତେ ଖରାପ ନଥିଲା । ଏହାକୁ କରଣ ଜୋହାର ପରି ଲୋକ ଖରାପ କରିଛନ୍ତି । ଏପରି ଲୋକମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ଦରକାର, ସେମାନେ ଇଣ୍ଡଷ୍ଟ୍ରୀର ପରିବେଶକୁ ଖରାପ କରିଛନ୍ତି ଯାହାକି ଅମିତାଭ ବଚନ କି ଶାହାରୁଖ ଖାନଙ୍କ ଦିନରେ ଚାଲି ନଥିଲା ।



# ଓପିଜିସି ଲାଭ ହଜାରେ କୋଟି ଛୁଇଁବ




ଭୁବନେଶ୍ୱର , ୩୦/୦୩ (ନି.ପ୍ର): ୨୦୨୦ ଡିସେମ୍ବରରେ ଏଇଏସ୍ କମ୍ପାନି ଓପିଜିସିରୁ ବିଦାୟ ନେଇଥିଲା । ଏହି ସମୟରେ ଓପିଜିସିର ପରିସ୍ଥିତି ସଙ୍କଟାପନ୍ନ ରହିବା ସହ କାର୍ଯ୍ୟକାରୀ ହୋଇଥିବା ଦୁଇଟି ନୂତନ ୟୁନିଟ୍‌ର ପ୍ଲାଣ୍ଟ ଲୋଡ୍ ଫାକ୍ଟୋ(ପିଏଲ୍‌ଏଫ୍) ୫୧% ରହିଥିଲା । ଏହାବ୍ୟତୀତ କେତେକ ପ୍ରକଳ୍ପର କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିଲା । ରାଜ୍ୟ ସରକାରଙ୍କ ସହଯୋଗରେ ବର୍ତ୍ତମାନ ଓପିଜିସିର ପିଏଲ୍‌ଏଫ୍ ୮୦%କୁ ବୃଦ୍ଧି ପାଇବା ସହ ୪୭ କିମି ମେରି ଗୋ ରାଉଣ୍ଡ(ଏମ୍‌ଜିଆର) ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଫଳରେ ଓପିଜିସିର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ୟୁନିଟ୍-୩ ଓ ୪ର କୋଇଲା ଆବଶ୍ୟକତା ପୂରଣ ହୋଇପାରୁଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଓପିଜିସି ୧୦୦୦ କୋଟି ଟଙ୍କା ଲାଭ କରିବ ବୋଲି ଆକଳନ କରାଯାଇଛି । ଏଥିସହ ଓପିଜିସିର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଓ ପୁରାତନ ୟୁନିଟ୍(୧ ଓ ୨)ର ନବୀକରଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ଯାହାକି ଆସନ୍ତା ୩ରୁ ୪ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଓପିଜିସି ଏମ୍‌ଡି ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି ।

ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଓସିପିଏଲ୍‌ର ପୁନର୍ଗଠନ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ କୋଇଲା ମନ୍ତ୍ରାଳୟ ପାଖରୁ ରାଜ୍ୟ ସରକାର ସ୍ପଷ୍ଟୀକରଣ ମାଗିଥିଲେ । ସେହି ଅନୁଯାୟୀ ଓପିଜିସିର ୪୯% ଅଂଶଧନ ବିକ୍ରି ପରେ ମଧ୍ୟ କୋଲ୍ ବ୍ଲକର ମାଲିକାନା ସ୍ୱତ୍ୱ ରାଜ୍ୟ ସରକାର ହରାଇବେ ନାହିଁ ବୋଲି ନିଶ୍ଚିନ୍ତ ହେବା ପରେ, ଓପିଜିସିର ଅଂଶଧନ ବିକ୍ରି ବାବଦରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ତେଣୁ କୋଇଲା ବ୍ଲକ ହରାଇବାର ଆଶଙ୍କା ଭିତ୍ତିହୀନ । ଓପିଜିସିର ମୂଲ୍ୟାୟନ ପ୍ରକ୍ରିୟା ଏବେ ଚାଲୁ ରହିଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ସିନିଅର ଭାଇସ୍ ପ୍ରେସିଡେଣ୍ଟ(ଅପରେସନ) ନିଯୁକ୍ତି ନେଇ ହୋଇଥିବା ବିବାଦ ଉପରେ ଓପିଜିସି ମାନବସମ୍ବଳ(ଜିଏମ୍) ଅନିତା ମହାପାତ୍ର କହିଛନ୍ତି ଯେ ଏଇଏସ୍ କମ୍ପାନି ଯିବା ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୨୦୨୧ ଏପ୍ରିଲ ୧୬ରେ ସିନିଅର ଭାଇସ୍ ପ୍ରେସିଡେଣ୍ଟ(ଅପରେସନ) ପଦବି ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା । ସେହି ଅନୁଯାୟୀ ନିଯୁକ୍ତିରେ ସ୍ୱଚ୍ଛତା ରଖାଯିବା ସହ ଓପିଜିସିରେ ପ୍ରଚଳିତ ପେ-ବ୍ୟାଣ୍ଡ ଅନୁସାରେ ଦରମା ଧାର୍ଯ୍ୟ ହୋଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଓପିଜିସି ଏକ ଲାଭଜନକ ସଂସ୍ଥାରେ ପରିଣତ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ୧୦୦୦ କୋଟି ଟଙ୍କା ଲାଭ ହେବ ବୋଲି ଆକଳନ କରାଯାଇଛି । ତା'ସତ୍ତ୍ୱେ ରାଜ୍ୟ ସରକାର କାହିଁକି ଓପିଜିସିର ୪୯% ଅଂଶଧନ ବିକ୍ରି କରାଯିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଓପିଜିସି କର୍ତ୍ତୃପକ୍ଷ କହିଛନ୍ତି ଯେ ଏହା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।

# ମସଲା ମିସନ ପାଇଁ ଖର୍ଚ୍ଚ ହେବ ୧୮୫.୮ କୋଟି



ଭୁବନେଶ୍ୱର , ୩୦/୦୩ (ନି.ପ୍ର): ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ପ୍ରକାରର ମସଲାର ସମନ୍ୱିତ ବିକାଶ ହାସଲ କରିବା ପାଇଁ ମସଲା ମିସନ ଆରମ୍ଭ ହୋଇଛି । ଏହି ଯୋଜନାରେ ଲଙ୍କା, ଧନିଆ, ଅଦା, ହଳଦୀ ଓ ଅନ୍ୟାନ୍ୟ ମସଲା ଇତ୍ୟାଦି ଫସଲର କ୍ଷେତ୍ର ବିସ୍ତାର ଓ କୃଷକଙ୍କ ଆୟ ବୃଦ୍ଧି ହେବ । ଏଥିପାଇଁ ୨୦୨୨-୨୩ ବର୍ଷରେ ଏହି ମିସନ ପାଇଁ ୮୫ କୋଟି ଟଙ୍କା ମିଳିଛି । ୨୦୨୩-୨୪ ବର୍ଷରେ ଏଥିପାଇଁ ୧୮୫.୮୦ କୋଟି ଟଙ୍କାର ବ୍ୟୟ ବରାଦର ଆକଳନ କରାଯାଇଥିବା ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟ ପଣସ, ମସଲା, ଛତୁ, ଫୁଲ ଓ କ୍ଷୁଦ୍ରଶସ୍ୟ ଫସଲର ଉତ୍ପାଦନ ଓ ବଜାର ଅଭିବୃଦ୍ଧି ଲକ୍ଷ୍ୟରେ ସ୍ୱତନ୍ତ୍ର ମିସନ କାର୍ଯ୍ୟକାରୀ କରାଯାଉଛି । ମହିଳା ହିତାଧିକାରୀ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ରାଜ୍ୟରେ ଛତୁ ଚାଷକୁ ଦୁଇଗଣ କରିବା ଓ ବଟମ ଛତୁ ଓ ଝରା ଫୁଲ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଛତୁ ମିସନ ଓ ଫୁଲ ମିସନ କାର୍ଯ୍ୟକାରୀ ହୋଇଛି । ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୨୦୨୨-୨୩ରୁ ୨୦୨୬-୨୭ ପାଇଁ ୩୬୬.୧୯ କୋଟି ଟଙ୍କା ବ୍ୟୟ ଅଟକଳର ଅନୁମୋଦନ କରିଛନ୍ତି । ଏହି ଯୋଜନା ମହିଳା ହିତାଧିକାରୀ ଓ ଏସଏଚ୍‌ଜିଙ୍କ ନିରନ୍ତର ଆୟ ସୃଷ୍ଟି ସୁନିଶ୍ଚିତ କରିବା ସହିତ ରାଜ୍ୟକୁ ମିସନ ଅବଧି ଭିତରେ ଛତୁ ଓ ଉଚ୍ଚମୂଲ୍ୟ ଫୁଲର ରପ୍ତାନି ଯୋଗ୍ୟ କରାଇବାରେ ସହଯୋଗ କରିବ । ଏହି ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା/ଗୋଷ୍ଠୀଙ୍କ ପାଇଁ ୭୦ ଓ ୮୦ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ରହିଛି । ରାଜ୍ୟର ୯ଟି ୫୦ଟି ବ୍ଲକ୍‌ରେ ୫ବର୍ଷ ମଧ୍ୟରେ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଓଡ଼ିଶା ପଣସ ମିସନ ଧାର୍ଯ୍ୟ କରାଯାଇଛି । ଏହି ଯୋଜନାରେ ବିଭିନ୍ନ ବିଭାଗରେ ଯୋଜନାଗୁଡ଼ିକୁ ସଂଯୋଜନା କରି ପଣସର ପ୍ରକ୍ରିୟାକରଣ ଓ ବିଭିନ୍ନ ପଣସ ପ୍ରକ୍ରିୟାକୃତ ଉତ୍ପାଦଗୁଡ଼ିକର ମାର୍କେଟିଂ ପାଇଁ ରାଜ୍ୟରେ ପଣସ ବ୍ରାଣ୍ଡର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ଯୋଜନାରେ ୧୫ଶହ ହେକ୍ଟର କ୍ଷେତ୍ର ବିସ୍ତାର, ୩ଟି ଟେକୋ-ଇନକ୍ୟୁବେସନ ସେଣ୍ଟର ପ୍ରତିଷ୍ଠା, ପ୍ରତି ବ୍ଲକରେ ୨ଟି ପ୍ରକ୍ରିୟାକରଣ ୟୁନିଟ୍, ରାଜ୍ୟରେ ପଣସ ବ୍ରାଣ୍ଡର ସୃଷ୍ଟି ଓ ସ୍ଥିତି ଜାହିର କରିବା, ଏନ୍‌ଜିଓ ମାନଙ୍କ ସହଭାଗିତାରେ ଅଂଶୀଦରମାନଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି ପାଇଁ୯୭.୧୬ କୋଟି ଟଙ୍କାର କାର୍ଯ୍ୟକ୍ରମ ରଖାଯାଇଛି । ରାଜ୍ୟରେ ମିଲେଟ(କ୍ଷୁଦ୍ରଶସ୍ୟ) ମିସନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଅଗ୍ରଣୀ ରାଜ୍ୟ । ରାଜ୍ୟର ୧୯ଟି ଜିଲ୍ଲାର ୧୪୩ଟି ବ୍ଲକରେ ମିସନ ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି । ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ୩୦ଟି ଜିଲ୍ଲାର ୧୭୭ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବାର ଯୋଜନା କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ମିଲେଟ ମିସନକୁ ୩୬୬.୧୯ କୋଟି ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ସହିତ ଆସନ୍ତା ୫ବର୍ଷରେ ୨୮୦୮.୩୯ କୋଟି ଟଙ୍କାର ଏକ ଦୀର୍ଘମିଆଦୀ ଯୋଜନା ଅନୁମୋଦନ କରାଯାଇଛି । କଫି ଚାଷର ଉନ୍ନତି ପାଇଁ ରାଜ୍ୟରେ ପ୍ରସ୍ତାବିତ ସ୍ଥାୟୀ ଜୀବିକା ପାଇଁ କଫି ଚାଷ(କଫି ମିସନ) ୨୦୨୨-୨୩ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଛି । ଏହି ଯୋଜନାରେ ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଜରିଆରେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୨୫୦ ଏକର ଜମିରେ ନୂତନ କଫି ଚାଷର ଧାର୍ଯ୍ୟ ଲକ୍ଷ୍ୟ ପାଇଁ ୮.୯କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

# ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା

କୋରାଇ, ୩୦/୦୩ (ନି.ପ୍ର): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଯାଜପୁରରୋଡ ଶାଖା ପକ୍ଷରୁ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ପଥରପଦା ପଂଚାୟତ ପରିସରରେ ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଯାଜପୁରରୋଡର ଶାଖା ପରିଚାଳକ କାମାକ୍ଷା କିଙ୍କର ମହାନ୍ତି, ସମ୍ମାନୀତ ଅତିଥିଭାବେ ପଥରପଦା ସରପଂଚ ମଧୁସ୍ମିତା ବାରିକ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଚାଷୀ ମାନଙ୍କ ପାଇଁ ସମବାୟ ବ୍ୟାଙ୍କର ବିଭିନ୍ନ ସୁବିଧା ଓ ଋଣ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଶାଖାର ସମ୍ପାଦକ ସୁଦର୍ଶନ ପରିଡା, ଯାଜପୁରରୋଡ ଶାଖାର ହିସାବ ରକ୍ଷକ ତିଲକ ଦେ, ପରିଚାଳନା କମିଟି ସଦସ୍ୟ କରୁଣାକର ମାଝୀ, ରାମ ଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ପଣ୍ଡା, ପଂଚାନନ ବେହେରା, ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇଥବବା ବେଳେ ଚାଷୀ ପ୍ରତିନିଧି ବଳରାମ ସାହୁ, ଜୟ ପ୍ରକାଶ ବେହେରା, ପ୍ରଶାନ୍ତ ମହାକୁଡ, ଅନାଦି ସାହୁ, ଗୁର ସାହୁ, ବିନୋଦ ସେନାପତିଙ୍କ ସମତେ ୫୦ରୁ ଉର୍ଦ୍ଧ ଚାଷୀ ଯୋଗଦେଇଥିଲେ ।

# କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ

କନ୍ଧମାଳ , ୩୦/୦୩ (ନି.ପ୍ର): ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦ କନ୍ଧମାଳ ର ପ୍ରଥମ ବୈଠକ, ଅଧ୍ୟକ୍ଷ ରଦନ ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ମଲ୍ଲିକ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ ଉଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ । ଉକ୍ତ ବୈଠରେ କନ୍ଧମାଳ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସିଶି ଈଶ୍ୱର ପାଟିଲ ଯୋଗ ଦେଇ ଚଳିତ ଆର୍ଥିକ ବର୍ଷରେ କଣ କଣ କାର୍ଯ୍ୟକ୍ରମ ହାତକୁ ନିଆ ଯିବ ତାହା ଉପରେ ଆଲୋଚନା କରିଥିଲେ. ଯୋଜନା ର ସବିଶେଷ ବିବରଣୀ ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ତଥା ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦର ନୋଡାଲ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥାପନା କରି ସାଂସ୍କୃତିକ ଗୃହ, ଜନଜାତି ହାଟ, ଦେବସ୍ଥଳୀ ର ବିକାଶ, ଜିଲ୍ଲା ଜନଜାତି ସଂଗ୍ରାଳୟ ପ୍ରତିଷ୍ଠା, ଜିଲ୍ଲା ର ଖେଳ କୁଦର ବିକାଶ, ଦକ୍ଷତା ବିକାଶ ତାଲିମ, ପ୍ରତ୍ୟେକ ବ୍ଲକ ରେ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତି । ଅନେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଥିଲେ । ସେହିଭଳି ବାଲିଗୁଡା ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ଜିଲ୍ଲା ର ସମସ୍ତ ୧୨ ଟି ବ୍ଲକ ରୁ ଆସିଥିବା ବ୍ଲକ ମଙ୍ଗଳ ସଂପ୍ରସାର ଅଧିକାରୀ, ସମସ୍ତ କାଉନସିଲ ମେମ୍ବର ଯୋଗ ଦେଇ ନିଜ ନିଜ ମତାମତ ଦେଇଥିଲେ । ଶେଷରେ ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦ ର ଉପାଦକ୍ଷା ଶ୍ରୀମତୀ ନଳିନୀ କଂହର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଆଟିଡିଏ ର ବଳଭଦ୍ର ଯାନୀ, ସତ୍ୟ ପ୍ରଧାନ, କୈଳାଶ ସାହୁ, ଦିବ୍ୟ ପଟ୍ଟନାୟକ । ବୈଦ୍ୟନାଥ ଖଟୁଆ ପରିଚାଳନା ରେ ସହଯୋଗ କରିଥିଲେ ।

# ରାସ୍ତାରୁ ସୁନା ଚେନ ଛିଣ୍ଡାଇନେଲେ ଦୁର୍ବୃତ: ଲୁଟେରାଙ୍କ ସହ ଲଢ଼ିଲେ ଜିମ୍ ଯୁବକ

କେନ୍ଦ୍ରାପଡ଼ା, ୩୦/୦୩ (ନି.ପ୍ର): ରାସ୍ତାରେ ବୁଲେଟ ଗାଡିରେ ଜଣେ ଯୁବକ ଜିମ ଯାଉଥିବା ସମୟରେ ହଟାତ ଦୁଇଜଣ ଦୁର୍ବୃର୍ତ ମୁହଁରେ କଳା କପଡା ବାନ୍ଧି ବେକରୁ ସୁନା ଚେନ ଛିଣ୍ଡାଇନେଲେ । ଜିମ ଯୁବକ ଜଣଙ୍କ ଗୋଡ଼ାଇ ଗୋଡ଼ାଇ ଚୋରକୁ ଧରିଲେ । ଏହି ସମୟରେ ଅନ୍ୟ ଜଣେ ଦୁର୍ବୃର୍ତ ଏକ ଲୁହା ପାଇପରେ ଯୁବକଙ୍କ ଡାହାଣ ହାତରେ ପ୍ରହାର ମାରିବାରୁ ସେ ଚୋରକୁ ଛାଡି ଦେଇଥିଲେ । ଏହାପରେ ଦୁଇ ଦୁର୍ବୃର୍ତ ସେମାନଙ୍କର ଏକ ଗ୍ଲାମର ବାଇକରେ ଅତି ଦ୍ରୁତ ଗତିରେ ଖସି ପଳାଇଥିଲେ । ଲୁଟେରାଙ୍କୁ ଯୁବକ ଜଣକ ୨୫ କିଲୋମିଟର ପର୍ଯ୍ୟନ୍ତ ପିଛା କଲେ । ଏମିତିକି ଚଳନ୍ତା ବାଇକରେ ସେମାନଙ୍କ ସହ ଯୁଧ କଲେ । ଶେଷରେ ଦୁର୍ବୃର୍ତ ଦ୍ୱୟ ତଳେ ପଡି ପାଣି ଭିତରେ ପଶି ଫେରାର ହୋଇଗଲେ । ହେଲେ ବାଇକଟି ଛାଡି ପଳାଇ ଯାଇଛନ୍ତି । ଏହିଭଳି ଏକ ଘଟଣା ସଦର ଥାନା ଅଧୀନ ଗୁଲନଗର ଖଇରାବାଦର ୩୧ ବର୍ଷୀୟ ଯୁବକ ପ୍ରକାଶ ଚନ୍ଦ୍ର ନାୟକଙ୍କ ସହିତ ଘଟିଛି । ପ୍ରକାଶଙ୍କ ଅଭିଯୋଗ ମୁତାବକ, ଗତ ୨୭ ତାରିଖ ସନ୍ଧ୍ୟା ୬ଟା ୩୦ରେ ପ୍ରକାଶ ନିଜ ବୁଲେଟ ଯୋଗେ ଜମଧର ସ୍ଥିତ ଏକ ଜିମ ସେଣ୍ଟରକୁ ଜିମ କରିବାକୁ ଯାଉଥିଲେ । ଏହି ଯିବା ରାସ୍ତାରେ ଗୁହାଳସିଂ ଛକ ନିକଟରେ କେନ୍ଦ୍ରାପଡ଼ା ଆଡୁ ପଛରୁ ଦୁଇ ଦୁର୍ବୃର୍ତ ଆସି ଚଳନ୍ତା ବୁଲେଟରୁ ପ୍ରକାଶଙ୍କ ବେକରୁ ଏକ ୨୮ ଗ୍ରାମର ସୁନା ଚେନ ଛିଣ୍ଡାଇ ନେଇ ଫେରାର ହେବାକୁ ବସିଥିଲେ । ଏହି ସମୟରେ ପ୍ରକାଶ ଜଣେ ଦୁର୍ବୃର୍ତଙ୍କୁ ଗାଡିରୁ ଟାଣି ନେଇ ମାଡି ବସିଥିଲେ । ଅନ୍ୟ ଜଣେ ତାଙ୍କ ସହଯୋଗୀ ହଟାତ ଏକ ଲୁହା ପାଇପରେ ତାଙ୍କ ହାତକୁ ପ୍ରହାର କରିବାକୁ ଲାଗିଲେ । ସେ ଧରିଥିବା ଦୁର୍ବୃର୍ତଙ୍କୁ ଛାଡି ଦେବାରୁ ଦୁହେଁ ସେମାନଙ୍କ ଗ୍ଲାମର ବାଇକରେ ଅତି କ୍ଷିପ୍ର ଗତିରେ ପଳାୟନ କଲେ । ପ୍ରକାଶ ତାଙ୍କ ପିଛା କରି ୫ ନମ୍ବର ଜାତୀୟ ରାଜପଥରେ ପହଂଚିଥିଲେ କ୍ଷ କିଛି ବାଟ ଗଲା ପରେ ଦୁର୍ବୃର୍ତ ଏକ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ହେଲେ ପ୍ରକାଶ ସେମାନଙ୍କ ପିଛା କରିବା ଛାଡିନଥିଲେ । ଏମିତିକି ୨୫କିଲୋମିଟର ବାଟ ଗୋଡ଼ାଗୋଡି ପରେ ଅଭିଯୁକ୍ତ ଦୁହେଁ ଭଦ୍ରେଶ୍ୱର ଥାନାରୁ ଦୁଇ କିଲୋମିଟର ପୂର୍ବରୁ ପ୍ରକାଶ ସେମାନଙ୍କ ଗାଡିକୁ ଗୋଇଠା ମାରି ତଳେ ପକାଇଦେଲେ କ୍ଷ ତଳେ ପଡି ଗାଡି ଛାଡି ଅଭିଯୁକ୍ତ ଦୁହେଁ ଦୌଡ଼ିବାକୁ ଲାଗିଲେ । ପ୍ରକାଶ ମଧ୍ୟ ତାଙ୍କ ବୁଲେଟକୁ ସାଇଟ କରି ସେମାନଙ୍କ ପିଛା କରିଥିଲେ । ହେଲେ ଅଭିଯୁକ୍ତ ପାଣି କାଦୁଅରେ ପଶି ଫେରାର ହେବାକୁ ସକ୍ଷମ ହୋଇଥିଲେ ।

# ନୂଆଁଖାଇରେ ଓଡ଼ିଶା ଖାଇବ ସଅଳ କିସମ ବିହନ 'ଓୟୁଏଟି କଳିଙ୍ଗ-୫'ର ଚାଉଳ

ଭୁବନେଶ୍ୱର , ୩୦/୦୩ (ନି.ପ୍ର): ନୂଆଁଖାଇରେ ଓଡ଼ିଶା ଖାଇବ ସଅଳ କିସମ ବିହନ ଓୟୁଏଟି କଳିଙ୍ଗ-୫ର ଚାଉଳ । କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଓଡ଼ିଶା ରାଜ୍ୟ ବିହନ ସବ୍‌କମିଟି ବୈଠକରେ ଏହା କୁହାଯାଇଛି । ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଆଇସିଏଆର-ଏନ୍‌ଆରଆରଆଇ, ଆଇସିଏଆର-ସିଟିସିଆଇ ଭୁବନେଶ୍ୱର ଦ୍ୱାରା ବିକଶିତ ହୋଇଥିବା ବିଭିନ୍ନ ଫସଲର କିସମ ବିହନକୁ ଅନୁମୋଦନ କରାଯାଇଛି । ଓୟୁଏଟି ପକ୍ଷରୁ ଓୟୁଏଟି କଳିଙ୍ଗ ଧାନ ସହିତ ୫ଟି ଅଣଧାନ ବିହନ କିସମ, ବାଇଗଣ, ଲଙ୍କାମରିଚ, ବିଲାତି ବାଇଗଣ ଓ ଶିମ୍ବର ଗୋଟିଏ ଲେଖାଏ କିସମ, ଅଦାର ୩ଟି କିସମ ଓ ହଳଦୀର ୨ଟି ବିକଶିତ କିସମକୁ ଅନୁମୋଦନ ମିଳିଛି । ଓୟୁଏଟି କଳିଙ୍ଗ ସୋରିଷ-୧ କିସମରେ ଶତକଡ଼ା ୪୦.୩ ଭାଗ ତୈଳ ରହିଛି । ଓୟୁଏଟି କଳିଙ୍ଗ ମାଣ୍ଡିଆ-୧ କିସମର ହାରାହାରି ଅମଳ କ୍ଷମତା ହେକ୍ଟର ପ୍ରତି ୨୪୧୬ କିଲୋଗ୍ରାମ ।



ସେହିପରି ଓୟୁଏଟି କଳିଙ୍ଗ ବାଇଗଣ-୧ କିସମରୁ ହେକ୍ଟର ପ୍ରତି ପ୍ରାୟ ୩୪୨୦୨ କିଲୋଗ୍ରାମ ଅମଳ ମିଳିଥାଏ । ଓୟୁଏଟି କଳିଙ୍ଗ ଟମାଟୋ-୧ କିସମର ବୀଜାଣୁଜନିତ ଝାଉଁଳା ରୋଗ ପ୍ରତିରୋଧି କ୍ଷମତା ରହିଛି । ଓୟୁଏଟି କଳିଙ୍ଗ ହଳଦୀ-୧ ଏବଂ ଓୟୁଏଟି କଳିଙ୍ଗ ହଳଦୀ-୨ କିସମ ରାଜ୍ୟର ଉଭୟ ପାହାଡ଼ିଆ ଓ ସମତଳ ଅଞ୍ଚଳରେ ଚାଷ କରାଯାଇପାରିବ । ଆଇସିଏଆର-ସିଟିସିଆଇର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ବିକଶିତ ସାରୁ ବିହନ ଏବଂ ଆଇସିଏଆର-ଏନ୍‌ଆରଆରଆଇ ଦ୍ୱାରା ବିକଶିତ ନୂଆ ଧାନ ଅନୁମୋଦନ ନିମନ୍ତେ ଉପସ୍ଥାପିତ ହୋଇଥିଲା । ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଓୟୁଏଟି ଏବଂ ଆଇସିଏଆର-ଏନ୍‌ଆରଆରଆଇର କୃଷି ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

# ୧୬୦ଟି ସ୍ଥାନରେ ଜଙ୍ଗଲ ଜଳୁଛି : ପଶ୍ଚିମା-ଝଡ଼ ପ୍ରଭାବ ସତ୍ତ୍ୱେ କମୁନି ନିଆଁ

ଭୁବନେଶ୍ୱର , ୩୦/୦୩ (ନି.ପ୍ର): ଓଡ଼ିଶାରେ ପଶ୍ଚିମା-ଝଡ଼ ପ୍ରଭାବ ଲାଗିରହିଛି । ବିଭିନ୍ନ ଜିଲ୍ଲାରେ ବର୍ଷା ହେଉଛି । ତୁହାକୁ ତୁହା ପବନ ବହୁଛି । ତା'ସତ୍ତ୍ୱେ ବି ଓଡ଼ିଶାରେ ଜଙ୍ଗଲ ଜଳୁଛି । ଆଜି ମାଧ୍ୟାହ୍ନରେ ରାଜ୍ୟର ୧୬୦ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ସେଥିରୁ ୯ଟି ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଛି । ଗତ ୨୬ ତାରିଖଠାରୁ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ରେଞ୍ଜର ଲଖନ୍‌ପୁର ବିଟ୍‌ରେ ନିଆଁ ଲାଗିଛି ଯେ ଆଜି ପର୍ଯ୍ୟନ୍ତ ଲିଭି ନାହିଁ । ଏବେ ବି ହୁତୁହୁତୁ ହୋଇ ଜଳୁଥିବା ନଜରକୁ ଆସିଛି । ଏହାବ୍ୟତୀତ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ରେଞ୍ଜର ଦୁଇଟି ସ୍ଥାନରେ, କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ, କୋଟଗଡ଼, ସୁନ୍ଦରଗଡ଼ ଜିଲ୍ଲା ଓ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ରେଞ୍ଜରେ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଛି । ଆଜି ସକାଳୁ ହିଁ କେତେକ ସ୍ଥାନରେ ନିଆଁ ଲାଗିଥିବାର ଚିତ୍ର ସାମ୍ନାକୁ ଆସିଛି । କୋରାପୁଟ ସର୍କଲର ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ମାଲକାନିଗରି ଜିଲ୍ଲାର ୨୨ଟି ସ୍ଥାନରେ ଜଙ୍ଗଲ ନିଆଁ ସାମ୍ନାକୁ ଆସିଛି । ସମ୍ବଲପୁର ସର୍କଲର ବରଗଡ଼, ଭବାନୀପାଟଣା ସର୍କଲର କଳାହାଣ୍ଡି, ରାୟଗଡ଼ା, ବ୍ରହ୍ମପୁର ସର୍କଲର କନ୍ଧମାଳ, ଗଞ୍ଜାମ, ଗଜପତି, ରାଉରକେଲା ସର୍କଲର ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଛି ।



ଅନ୍ୟପକ୍ଷରେ ନଭେମ୍ବର ପହିଲାରୁ ଏବେ ସୁଦ୍ଧା ଓଡ଼ିଶାରେ ବନାଗ୍ନି ସଂଖ୍ୟା ୨୦ ହଜାର ଟପିଛି । ଆଜି ସନ୍ଧ୍ୟା ସୁଦ୍ଧା ହସ୍ତଗତ ରିପୋର୍ଟ ଅନୁଯାୟୀ ରାଜ୍ୟର ୨୦ ହଜାର ୬୫ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଛି । ସେଥିରୁ ଅଧିକାଂଶ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଂଗଠିତ ହୋଇଥିବା ଜଣାପଡ଼ିଛି । ଓଡ଼ିଶା ତଳକୁ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତେଲେଙ୍ଗାନା, ମହାରାଷ୍ଟ୍ର ରହିଛନ୍ତି । ଯଦି ଗତ ୭ଦିନ କଥା ଦେଖିବା ଓଡ଼ିଶାରେ ଜଙ୍ଗଲ ନିଆଁ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ତୁଳନାରେ କମ୍ ରହିଛି । ମହାରାଷ୍ଟ୍ରରେ ୧୮୭୮ଟି ଥିବା ବେଳେ ମଧ୍ୟପ୍ରଦେଶରେ ୧୨୧୩, ଓଡ଼ିଶାରେ ୮୨୨ଟି ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଛି । ବର୍ଷା ସତ୍ତ୍ୱେ ବି ଜଙ୍ଗଲ ନିଆଁ ନ କମିବାକୁ ନେଇ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି ।

## ଘାଟବାଗ୍ରାରେ ଯାଦବ ସମାଜର ବୈଠକ

ଜୟପୁର, ୩୦/୦୩ (ନି.ପ୍ର): ଜୟପୁର ବ୍ଲକ ଘାଟବାଗ୍ରାରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ବୈଠକ ଭଗବାନ ଗୌଡ଼ଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ମଦନ ମୋହନ ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସାଥିରାମ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଲୋକନାଥ ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ଅତିଥି ରୂପେ ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଶ୍ରୀଚନ୍ଦନ ନାୟକ, କୁନ୍ଦୁରା ଧନ ଗୌଡ଼, ତୁଳସୀରାମ ଗୌଡ଼, ଫାପୁଣି ବିଦେଶୀ ଗୌଡ଼, ଗୁପ୍ତ ପୂଜାରୀ, ରତନ ଗୌଡ଼, କମଳ ଲୋଚନ ଗୌଡ଼ ପ୍ରମୁଖ ଯୋଗ ଦେଇ ଆସନ୍ତା ଏପ୍ରିଲ ୧୬ରେ ଜୟପୁରରେ ହେବାକୁ ରହିଥିବା ଗୌଡ଼ ଅଧିକାର ସମାବେଶ ସଫଳ କରିବାକୁ ନିଷ୍ପତି ନେଇଥିଲେ । ବୈଠକରେ ପଂଚାୟତ କମିଟି ପାଇଁ ସୁରେଶ ବେହେରା, ନରେନ୍ଦ୍ର ଗୌଡ଼, ସଦାଶିବ ଗୌଡ଼, ଜ୍ୟୋତି ପ୍ରକାଶ ବେହେରା, ତ୍ରିପତି ଗୌଡ଼, ପଦ୍ମନ ଗୌଡ଼, ରାଧାକାନ୍ତ ଗୌଡ଼, ଜଗା ଯାଦବଙ୍କୁ ମନୋନୀତ କରାଯାଇଥିଲା ।

## ପୁରୀ ଓକିଲ ସଂଘର ନୂତନ କର୍ମକର୍ତା ଚୟନ

ପୁରୀ, ୩୦/୦୩ (ନି.ପ୍ର): ପୁରୀ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଆଜି ଏକ ସାଧାରଣ ପରିଷଦ ବୈଠକ ବସିଥିଲା । ଏହି ବୈଠକରେ ୨୦୨୩-୨୪ ପାଇଁ ସଂଘର କର୍ମକର୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ରାମ ପ୍ରସାଦ ଦାଶ, ଉପସଭାପତି କାଳିପ୍ରସାଦ ନାୟକ, ସାଧାରଣ ସମ୍ପାଦକ ବିଭୁତି ଶଙ୍କର ତ୍ରିପାଠୀଙ୍କୁ ଚୟନ କରାଯାଇଛି । ସହ ସମ୍ପାଦକ ଭାବେ ବିଭୁଦତ ପଟ୍ଟନାୟକ, ଚିତରଞ୍ଜନ ବିଶ୍ୱାଳ,ପ୍ରଶାନ୍ତ କୁମାର ରଣା, କାର୍ଯ୍ୟକାରୀ ସଦସ୍ୟ ଭାବେ ଭାଗବତ ପ୍ରସାଦ ପଟ୍ଟନାୟକ, ସୋମନାଥ ରଣା,ଅନିଲ କୁମାର ସାହୁ,ବିଶ୍ୱଭୁଷଣ ବାରିକ ଓ ତପନ କୁମାର ବାରିକୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ଭାଷା ଆନ୍ଦୋଳନରେ ଉତ୍କଳକବ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମଧୁସୂଦନ ରାଓ କେବଳ ଏହାର ପ୍ରତିଷ୍ଠାତା ନଥିଲେ ବରଂ ସେ ପ୍ରାୟ ନଅ ବର୍ଷ ଧରି ତାହାର ସଭାପତି ଥିଲେ । ପରେ ସେହି ଆଲୋଚନା ସଭା 'ଉତ୍କଳ ସାହିତ୍ୟ ସମାଜ' ନାମରେ ନାମିତ ହୋଇଅଛି। ଏହାର ପ୍ରଥମ ବାର୍ଷିକ ଅଧିବେଶନ ୧୯୦୩ ମସିହା ଡିସେମ୍ବର ୨୯ରେ କଟକରେ କରାଯାଇଥିଲା । ଉତ୍କଳ ସାହିତ୍ୟ ସମାଜ ୧୯୩୯ରେ ସଂଖ୍ୟା ନଂ ୮୧୪/ଜେରେ ପଞ୍ଜୀକୃତ ହୋଇଥିଲା । ଉତ୍କଳ ସାହିତ୍ୟ ସମାଜ ସେତେବେଳେ ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ସଭାପତିତ୍ୱ କରିଥିଲେ । ସ୍ଥାୟୀ ସଭାପତି ଭାବରେ ମଧୁସୂଦନ ରାଓ ଓ ସଂପାଦକ ଭାବେ ବାଗ୍ମୀ ବିଶ୍ୱନାଥ କର ଦୀର୍ଘ ବର୍ଷ କାର୍ଯ୍ୟ ନିର୍ବାହ କରିଥିଲେ ।

ଓଡ଼ିଆ ଜାତି ଓ ଭାଷାର ଉନ୍ନତି ପାଇଁ ଉତ୍କଳ ସମ୍ମିଳନୀର ସ୍ଥାୟୀ କମିଟି ଭାବରେ ଯେତେବେଳେ ମଧୁସୂଦନଙ୍କୁ ମନୋନୀତ କରାଯାଇଥିଲା ସେତେବେଳେ ସେ ବିଭାଜିତ ଓଡ଼ିଶା ପ୍ରଦେଶ, ବିକ୍ଷିପ୍ତ ଓଡ଼ିଆ ଜାତି ଓ ବଙ୍ଗଳା ଆକ୍ରମିତ ଓଡ଼ିଆ ଭାଷାର ଦୁର୍ଦ୍ଦଶା ଅବଲୋକନ କରି ବ୍ୟଥିତ ହୋଇ ଉତ୍କଳ ଗାଥା କବିତାରେ ଲେଖିଥିଲେ - 'ବାରେ ଡାକ ହେ ଉତ୍କଳ ସୁତେ/ ମା' ଉତ୍କଳ ଭୂମି ଜନନୀ/ ପାନ କର ମା' ନାମ ଅମୃତେ/ ଗାଅ ମା ମା ଦିନ ରଜନୀ ।' ସେଭଳି ମାତୃଭାଷା ଓ ମାତୃଭୂମି ରକ୍ଷା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କୁ, ସମଗ୍ର ବିଶ୍ୱକୁ ଜାଣିବା, ବୁଝିବା ଲାଗି ତାଙ୍କରି ଭାଷାରେ - 'ମାତୃଭୂମି ମାତୃଭାଷା ଉଭୟେ ଜନନୀ/ ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ ।'

'ଉତ୍କଳ ଗଗନର ଉଜ୍ଜ୍ୱଳ ଜ୍ୟୋତିଷ ଆଜି ଅସ୍ତମିତ ।' ସେ ସ୍ୱଶରୀରେ ନାହାଁନ୍ତି ସତ, ବାସ୍ତବରେ ସେ ଅସ୍ତମିତ ନୁହଁନ୍ତି। କ୍ଷଣିକ ଲୁଚି ପରକ୍ଷଣରେ ନୂତନ ଏକ ସୁନେଲି ସକାଳର, ସ୍ୱପ୍ନର, ସମ୍ଭାବନା ନେଇ ପ୍ରତିଭାତ ହେବା ଭଳି ଅମୃତ ସନ୍ଧାନୀ ଅମୃତ ପୁରୁଷ ମଧୁସୂଦନ ରାଓ ଆମ ସ୍ମରଣରେ ଆସନ୍ତି । ଶତାବ୍ଦୀର ଅମୃତ ପୁରୁଷ ବର୍ଷ, ମାସ, ଦିନ, ଦଣ୍ଡ ପ୍ରତ୍ୟେକଟି ମୁହୂର୍ତ୍ତରେ ତାଙ୍କର ଅମୃତ ବାଣୀରେ- 'ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି/ ଏ ସୃଷ୍ଟି ଅମୃତ ମୟ ହେ/ ଜାଗ ନର ନାରୀ/ ଅମୃତ ସନ୍ତତି/ ପିଅ ସେ ଅମୃତ ପୟ ହେ/ ପିଇ ସେ ଅମୃତ ଦିବସ ଶର୍ବରୀ/ ଗାଅ ଅମୃତର ଜୟ ହେ ।' ପ୍ରକୃତରେ ଭକ୍ତ କବି ମଧୁସୂଦନଙ୍କ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଓଡ଼ିଆ ମାନଙ୍କ ପ୍ରାଣରେ ଜାତୀୟତା ଭାବର ଉଦ୍ରେକ ଓ ସଂଚାର କରିବାରେ ପ୍ରଚେଷ୍ଟାରେ ଥିଲେ ଏକଥା ଅସ୍ୱୀକାର କରାଯାଇପାରିବ ନାହିଁ.. ସେ ଚିର ସ୍ମରଣୀୟ...!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪୭୫

## ପବିତ୍ର ରାମ ନବମୀ ଅବସରରେ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ନୀଳଗିରି

ନୀଳଗିରି, ୩୦/୦୩ (ନି.ପ୍ର): ପବିତ୍ର ରାମ ନବମୀ ପାଳନ ଅବସରରେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଛି ନୀଳଗିରି ସହର । ଶ୍ରୀରାମ ନବମୀ ପାଇଁ ଗାଁ ରୁ ସହର ସବୁଠି ଉତ୍ସବ ମୁଖର ହୋଇ ପଡ଼ିଥିଲା। ଶ୍ରୀରାମଙ୍କ ପୂଜାଅର୍ଚ୍ଚନା ସହ ବ୍ରତୀମାନେ ସଂକଳ୍ପ କରିଥିଲେ । ନୀଳଗିରି ମେଡିକାଲ ନିକଟରେ ଥିବା ହନୁମାନ ମନ୍ଦିର ପରିସରରେ ଶ୍ରୀରାମନବମୀ ଧୂମଧାମରେ ପାଳନ କରାଯାଇଅଛି । ଶ୍ରୀରାମଭକ୍ତମାନେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଗେରୁଆ ପତାକାରେ ଗେରୁଆମୟ କରିଦେଇଥିଲେ । ଶ୍ରୀରାମଙ୍କ ପୂଜାଅର୍ଚ୍ଚନା ପରେ ବିଭିନ୍ନ ପାରମ୍ପରିକ ବାଜା ସହ ଏକ ବିରାଟ ବାଇକ ରାଲି କରାଯାଇଥିଲା । ଶ୍ରୀରାମ ନବମୀ ପାଳନ ନେଇ ନୀଳଗିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ରାମନବମୀ ପାଳନ ଅବସରରେ ଜୟ ଶ୍ରୀରାମ ଧ୍ୱନୀ ଦେବା ସହ ଗଦା ବୁଲାଇଥିଲେ । ଅନୁରୂପ ଭାବେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ପ୍ରସାଦ ସେବନ କରିବା ସହ ଶ୍ରୀରାମ ଧ୍ୱନୀ ପକାଇ ଶ୍ରୀରାମ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଭଦ୍ରକ-ନୟାଗଡ଼ ଟାଉନ....

ରେଳ ଲାଇନ ନିର୍ମାଣ କରିଛି ଯାହା ଏକ ରେକର୍ଡ। ଏହାପୂର୍ବରୁ, ୨୦୦୯-୧୪ ମସିହାରେ, କେବଳ ୫୦ କିଲୋମିଟର ରେଳପଥ ରାଜ୍ୟରେ ନିର୍ମାଣ କରାଯାଉଥିଲା। ଏହି ଅବସରରେ ଯୋଗଦାନ କରିକେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟୋଗୀ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଏହି ଅଂଚଳର ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ବୈଷ୍ଣବଙ୍କ ନେତୃତ୍ୱରେ ରେଳ ମନ୍ତ୍ରଣାଳୟର ତାର ପାରଦର୍ଶିତାକୁ ଏଠାରେ ରୂପାୟନ କରିଛି ଯାହାକି ଏଠାରେ ଫଳାଫଳ ଦର୍ଶାଉଅଛି । ଏହି କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ଓ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ ।

### ଝାରସୁଗୁଡ଼ା ଉପନିର୍ବାଚନ....

ଏବଂ ଯାହାକୁ କଂଗ୍ରେସ କର୍ମୀମାନେ ଚାହୁଁଥିବେ ତାଙ୍କୁ ହିଁ କଂଗ୍ରେସ ଟିକେଟ ଦିଆଯିବ। ଠିକ୍ ସେହିପରି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ବିଜେପିର ବରିଷ୍ଠ ପର୍ଯ୍ୟବେକ୍ଷକ ଟିମ୍ ୨ଦିନ ମଧ୍ୟରେ ଝାରସୁଗୁଡ଼ା ଯିବ ।କର୍ମକର୍ତା, ବିଜେପି ନେତୃତ୍ୱ, ଲୋକଙ୍କ ମତାମତ ପରେ ପ୍ରାର୍ଥୀ ଚୟନ କରାଯିବ। ନବ ଦାସଙ୍କ ହତ୍ୟା ପଛରେ କିଏ ତାହା ଝାରସୁଗୁଡ଼ାର ଘରେ ଘରେ ଚର୍ଚ୍ଚା ହେଉଛି। ଝାରସୁଗୁଡ଼ାରେ ସିମ୍ପାଥି କାମ ଦେବ ନାହିଁ । ସରକାରଙ୍କ ସବୁ ଚେଷ୍ଟା ପ୍ରତିହତ ହେବ, ବିଜେପି ସପକ୍ଷରେ ଜନମତ ଆସିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଭଣ୍ଡାରିପୋଖରୀ, କହରାପୋଖରୀ ଓ ବାରିକପୁରରେ ଚଇତି ଦୁର୍ଗାପୂଜା

ଭଦ୍ରକ, ୩୦/୦୩ (ନି.ପ୍ର): ଭଣ୍ଡାରିପୋଖରୀର ପୁରପଲ୍ଲୀରେ ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ପୂଜା ଅନୁଷ୍ଠିତ ହେଉଛି। ସୋମବାର ବିଲ୍ୱ ବରଣ ସହ ଅଧିବାସ, ମଙ୍ଗଳବାର ମହାସପ୍ତମୀ, ବୁଧବାର ମହାଷ୍ଟମୀ ଓ ଗୁରୁବାର ମା'ଙ୍କ ମହାନବମୀ ପୂଜା ଅନୁଷ୍ଠିତ ହୋଇଛି। ଭଣ୍ଡାରିପୋଖରୀବଜାର, କହରାପୋଖରୀ ଓ ବାରିକପୁର ଆଦି ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି । ଭଣ୍ଡାରିପୋଖରୀ ବସ୍ଷ୍ଟାଣ୍ଡ ମଣ୍ଡପରେ କାରିଗର ମହେନ୍ଦ୍ର ସାହୁଙ୍କ ଦ୍ୱାରା ଗଢାଯାଇଥିବା ମା' ଙ୍କ ମୃଣ୍ମୟ ମୁର୍ତ୍ତିକୁ ପୂଜକ ନରନାରୟଣ ମିଶ୍ର ଓ ସାଥୀ ବିଧିମତେ ପୂଜାକରୁଛନ୍ତି। ସଂପୃକ୍ତ ମା'ବାସନ୍ତି ଦୁର୍ଗା କମିଟି ପକ୍ଷରୁ ଅଖିଳ ବିହାରୀ ସାହୁ, ସଦସ୍ୟ ଗଗନ ବିହାରୀ ନାୟକ, ସୁଶାନ୍ତ ବିଶ୍ୱାଳ, ପ୍ରଦୀପ ସେନାପତି ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ସେହିପରି ବାରିକପୁର ମା' ବାସନ୍ତୀ ଦୁର୍ଗା ବଜାରକମିଟି ସଭାପତି ପ୍ରଭାକର ପାତ୍ର ଓ ସମ୍ପାଦକ ଦିଲ୍ଲିପ ମହାନ୍ତି ଓ ବ୍ୟବସାୟୀଙ୍କ ପରିଚାଳନାରେ କଲେଜପଡିଆ ସ୍ଥାୟୀ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହୋଇଛି। ବିଗତ ୧୯୬୮ ମସିହାରୁ ପ୍ରତିବର୍ଷ ଏହି ମଣ୍ଡପରେ ମା' ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ସ୍ଥାନୀୟ ବଜାରର ବ୍ୟବସାୟୀ, ଆଖପାଖ ଗ୍ରାମବାସୀ, ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। ଦଶହରା ପାଳନ ପରେ ମୃଣ୍ମୟୀ ମୂର୍ତ୍ତିକୁ ରେବ ନଦୀରେ ବିସର୍ଜନ ଦିଆଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗା ଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୬୮ ବର୍ଷ ହେବ ମା' ଙ୍କ ପୂଜା ପାଳିତ ହେଉଛି। କାରିଗର ମହେନ୍ଦ୍ର ସାହୁଙ୍କ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜକ କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ଗୋବର୍ଦ୍ଧନ ପଣ୍ଡାଙ୍କ ପୂଜା କରୁଛନ୍ତି। ଏହି ମଣ୍ଡପରେ ପ୍ରତ୍ୟହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ଚାଲୁରହିଛି। ଏଠାରେ ମା'ଙ୍କ ପୂଜା ପାଇଁ ଚାନ୍ଦା ଆଦାୟ ନିଷିଦ୍ଧ କରାଯାଇ ମା'ଙ୍କ ନିଜସ୍ୱ ଆୟରୁ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥାଏ ବୋଲି ସଂପୃକ୍ତ କମିଟି ପକ୍ଷରୁ ପ୍ରକାଶ। ଭରତ ଚନ୍ଦ୍ର ନାୟକ, କାହ୍ନୁଚରଣ ବେହେରା, ହରିହର ପାତ୍ର, ନାରାୟଣ ଚନ୍ଦ୍ର ପାତ୍ର, ପ୍ରମୁଖ ଗ୍ରାମବାସୀ ଏହି ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଝାରସୁଗୁଡା ଉପ ନିର୍ବାଚନ ପାଇଁ ପିସିସି ପକ୍ଷରୁ କମିଟି ଗଠିତ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ଝାରସୁଗୁଡା ଉପ ନିର୍ବାଚନ ପାଇଁ ପିସିସି ପକ୍ଷରୁ କମିଟି ଗଠିତ କରାଯାଇଛି । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଏହି ସୂଚନା ଦେଇଛନ୍ତି । ଶ୍ରୀ ସାଲୁଜା କହିଛନ୍ତି ଯେ - ଝାରସୁଗୁଡା ନିର୍ବାଚନ ପାଇଁ ପିସିସି ନିର୍ଦ୍ଦେଶରେ କମିଟି ଗଠନ କରାଯାଇଛି। ବିଧାନସଭା ସରିବା ପରେ କମିଟି ଝାରସୁଗୁଡା ଗସ୍ତରେ ଯିବ। ଯେଉଁ ପ୍ରାର୍ଥୀଙ୍କର ଜିତିବା ସମ୍ଭାବନା ଅଧିକ ଥିବ ତାଙ୍କ ନାମ ସୁପାରିଶ କରିବୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ସ୍ଥିତି ଝାରସୁଗୁଡାରେ ଭଲ ଅଛି । ବିଧାନସଭା ସରିଲେ କମିଟିକୁ ନେଇକି ଯିବି । ୦୯ ଏବଂ ୧୪ ନିର୍ବାଚନରେ ନବ ଦାସ କଂଗ୍ରେସ ବିଧାୟକ ଥିଲେ, ଏବଂ ୧୯ ରେ ସେ ବିଜେଡିକୁ ଯାଇଥିଲେ । ନବ ଦାସ ବିଜେଡି ଗଲାବେଳେ ତାଙ୍କ ସହ କଂଗ୍ରେସର ଯେତେ କର୍ମୀ ଥିଲେ ମୁନିସିପାଲିଟି ଏବଂ ବ୍ଲକରୁ ଆରମ୍ଭ କରି ସମସ୍ତଙ୍କୁ ସେ ବିଜେଡିକୁ ନେଇ ଯାଇଥିଲେ । ଏବେ ତାଙ୍କ ହତ୍ୟା ପରେ କର୍ମୀ ମାନଙ୍କ ଘର ବାହୁଡ଼ା ହେଉଛି ଯାହା ଫଳରେ ସେଠି କଂଗ୍ରେସର ସ୍ଥିତି ସେଠି ଭଲ ରହିବ । ଏପଟେ ପିସିସି ମଧ୍ୟ ସ୍ପଷ୍ଟ କରିଛନ୍ତି ଯାହାର ଜିତିବା ଦାବିଦାର ଥିବେ, ଯାହାକୁ କଂଗ୍ରେସ କର୍ମୀ ମାନେ ଚାହୁଁଥିବେ ତାଙ୍କୁ ହିଁ କଂଗ୍ରେସ ଟିକେଟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଧାମନଗର, ୩୦/୦୩ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ସଭାପତିତ୍ୱ କରିବା ସହିତ ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ବିଷୟରେ କହିଥିବା ବେଳେ, ଧାମନଗର ଥାନା ଅଧିକାରୀ ଶ୍ରୀଯୁକ୍ତ ବନମାଳୀ ବାରିକ ଉକ୍ତ ଉତ୍ସବରେ ଉଦ୍ଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଉଦାହରଣ ସାହାଯ୍ୟ ରେ ପିଲାମାନଙ୍କୁ ଶିକ୍ଷା ସହ ସଂସ୍କାରକୁ ମାର୍ଗଦର୍ଶନ ରୂପେ ବାଛିବାକୁ ଉପଦେଶ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ତଥା 'ସହିଦ୍ ଭଗତ ସେନା' ନାମକ ସାମାଜିକ ସଂଗଠନ ର ଆବାହକ ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ସାଂପ୍ରତିକ ସମୟରେ ଶିକ୍ଷାକୁ କେବଳ ଫଳାଫଳ କୈନ୍ଦ୍ରିକ ମୂଲ୍ୟାୟନ କରିବା କୋମଳମତି ଶିଶୁ ର ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଅଛି ବୋଲି ନିଜର ଅଭିଭାଷଣ ରଖିଥିଲେ। ତତ୍ ସହିତ ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ହେମେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ ଗୁରୁଙ୍କ ଭୂମିକା ଓ ମହନୀୟତା ବିଷୟରେ କୁନିକୁନି ପିଲାଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ପରିଷଦ, ଓଡ଼ିଶାର ଉତ୍ତର ଓଡ଼ିଶା ସଂଯୋଜକ, ଶ୍ରୀଯୁକ୍ତ ସୁଦର୍ଶନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଉତ୍ସବର ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଶ୍ରୀଯୁକ୍ତ ବିବେକାନନ୍ଦ ପଣ୍ଡା ସ୍ୱାଗତଭାଷଣ ସହ ସମ୍ପାଦକୀୟ ବିବରଣୀ ମଧ୍ୟ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମାମିନାରାଣୀ ପାଲ୍ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ସଞ୍ଜୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ପ୍ରିତିଜିନ୍ତା ମହାପାତ୍ର, ପଲ୍ଲୀଶ୍ରୀ ରାଉତ, ଧରିତ୍ରୀ ରାଣୀ ପାଗଳ ପ୍ରଭୃତି ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ କୁନିକୁନି ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଦଜ୍ଞାନ ସେବାଶ୍ରମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ବସ୍ତା, ୩୦/୦୩ (ନି.ପ୍ର): ବସ୍ତାବ୍ଲକ ବାହାର୍ଦ୍ଦାପଞ୍ଚାୟତ ମେଳକ ଗ୍ରାମରେ ଥିବା ଅଖିଳ ଭୂ-ମଣ୍ଡଳୀୟ ଶର୍ବଶିରୋମଣି ସଦ ଜ୍ଞାନ ଯାଗୃତି ଶେବାଶ୍ରମ ପରିସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ ଓ ପଥପ୍ରାନ୍ତ ସଭାର ଆୟୋଜନ ହୋଇଯାଇଛି । ମୂଖ୍ୟ ଅତିଥିଭାବେ ଚିତ୍ରଶିଳ୍ପୀ କେଶୁଦାସ ଯୋଗ ଦେଇଥିବାବେଳେ ବସ୍ତା ଅଞ୍ଚଳର ସ୍ୱାଭିମାନ ଯୁବ ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ଆଜିର ଅବକ୍ଷୟ ସମାଜରେ ବୃକ୍ଷହି ମାନବ ସମାଜର ପରମ ମିତ୍ର । ପ୍ରଦୂଷଣ ମୁକ୍ତ ପାଇଁ ବୃକ୍ଷହିଁ ଜିବଜଗତ ପାଇଁ ରକ୍ଷାକବଚ ସାଜିଛିବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ କବି ପ୍ରଫୁଲ୍ଲ ଜେନା, ଶଙ୍କର ଜେନା ଉପସ୍ଥିତ ଥିବାବେଳେ ସଭାପତିତ୍ୱ କରିଥିଲେ ମୁନିରାଜ ଦାସରଥି ରାଉତ ଅତିଥିପରିଚୟ ଯୋଗୀ ଅନ୍ତର୍ଯ୍ୟାମି ରାଉଳ କରିଥିବାବେଳେ ଆଶ୍ରମର ମୁନିରାଜ ଦୁଃଖହରି ଦାସ. ଉମେଶ ବେହେରା, ମୁନିମତୀ ସଧ୍ୟାରାଣୀ ରାଉଳ, ମୁନିକୁମାରୀ ରସ୍ମୀତା ରାଉଳ, ତ୍ରିଲୋଚନ ରାଉଳ ଉପସ୍ଥିତ ରହିଥିଲେ । ଅତିଥିମାନଙ୍କଦ୍ୱାରା ବୃକ୍ଷରୋପଣ ହୋଇଥିଲା ।

## ରାମନବମୀ ଅବସରରେ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାମ ନବମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସମସ୍ତ ଦେଶବାସୀଙ୍କୁ ରାମ ନବମୀର ପବିତ୍ର ଅବସରରେ ହାର୍ଦ୍ଦିକ ମଙ୍ଗଳକାମନା । ଆମ ସମସ୍ତଙ୍କର ଆରାଧ୍ୟ ପ୍ରଭୁ ଶ୍ରୀରାମଙ୍କ ଜୀବନ ଚରିତ୍ର ସଦୈବ ମାନବ ଜାତିର ପଥ ପ୍ରଦର୍ଶନ କରୁଥିବ । ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଜୀଙ୍କ କୃପା ଜଗତ ଉପରେ ଅନବରତ ରହିଥାଉ । ଜୟ ଶ୍ରୀରାମ ।

## ବସ୍ତା ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା



ବସ୍ତା, ୩୦/୦୩ (ନି.ପ୍ର): ଶ୍ରୀରାମ ଚେତନା ସଂଘ ଶ୍ରୀରାମସେବାସଂଘ ଓ ବଜରଙ୍ଗଦଳ ମିଳିତ ସହଯୋଗରେ ଗୁରୁବାର ସକାଳ ୯ ଘଟିକା ସମୟରେ ରୁପସା ରୁ ବହୁ ସଂଖ୍ୟା ରେ ମଟର ସାଇକେଲ ରାଲିରେ ବାହାରି ବାହାର୍ଦ୍ଦା, ଗାନ୍ଧିଛକ, ବସ୍ତା, ବିଦ୍ୟାଧରପୁର , ଖୁଣ୍ଟା, କୁଣ୍ଡ ପୁର, ମଥାନୀ ଶ୍ରୀରାମ ମନ୍ଦିର ରେ ରାଲି ସମାପ୍ତ ହେଇଥିଲା । ସମସ୍ତ ଶ୍ରୀରାମ ଭକ୍ତ ଙ୍କ ପାଇଁ ପ୍ରସାଦ ର ବ୍ୟବସ୍ଥା କରା ଯାଇଥିଲା । ଏଥିରେ ୫୦୦ ରୁ ଉର୍ଦ୍ଧ ବାଇକ ସହ ହଜାର ହଜାର ଶ୍ରୀରାମ ଭକ୍ତ ଯୋଗ ଦେଇଥିଲେ। ରାଲି ସମୟରେ ପ୍ରଭୁ ଶ୍ରୀରାମଙ୍କ ନାରା ସହିତ, ହନୁମାନ ଚାଳିଶା ପାଠ କରା ଯାଇଥିଲା । ବିଭିନ୍ନ ହନୁ ମାନ ମନ୍ଦିର ଏବଂ ରାମ ମନ୍ଦିର ରେ ଦୀପ ପ୍ରଜ୍ ଲନ ଏବଂ ପୁଷ୍ପ ଅର୍ପଣ କରାଯାଇଥିଲା । ଜୟ୍ ଶ୍ରୀରାମ ଧ୍ୱୋନି ରେ ବସ୍ତା ଅଞ୍ଚଳ ପ୍ରକମ୍ପିତ ହେଇଥିଲା । ଶ୍ରୀରାମ ସେବକ ସଂଘ ବସ୍ତା , ଶ୍ରୀରାମ ଚେତନା ସଂଘ ବସ୍ତା, ବଜରଙ୍ଗ ଦଳ ମିଳିତ ସହଯୋଗ ରେ ରାଲି ସଞ୍ଚାଳନ କରାଯାଇଥିଲା। ବସ୍ତା ପୋଲିସ ର ସହଜୋଗ ରେ ଶାନ୍ତି ଶୃଙ୍ଖଳା ସହିତ ଶୋଭା ଯାତ୍ରା ସମାପ୍ତ ହେଇଥିଲା ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: **ST-OT-TIB-CIB-KGP-BLS-23**, ତାରିଖ: ୨୯.୦୩.୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିଅର **DSTE (Co)** / ଦକ୍ଷିଣପୂର୍ବ ରେଳପଥ, ଖଡଗପୁର - ୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଆଇଟମଗୁଡିକ ଏଗ୍ନେଷ୍ଟରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: (୧) ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ଖଡ଼ଗପୁର ଏବଂ ବାଲେଶ୍ୱର ଷ୍ଟେସନରେ ଏକ ଗ୍ଲାନ୍ସ ଡିସପ୍ଲେ ବୋର୍ଡର ଯୋଗାଣ, ସ୍ଥାପନ ଏବଂ କମିଶନ, ଟ୍ରେନ୍ ଆଗମନ / ପ୍ରସ୍ଥାନ ଡିସପ୍ଲେ ବୋର୍ଡ, ମଲ୍ଟିଲିନ୍ ଡିସପ୍ଲେ ବୋର୍ଡ **(MLDB)**, ଇନଡୋର ଭିଡିଓ ଡିସପ୍ଲେ, ଭିଡିଓ ଡିସପ୍ଲେ ନିୟନ୍ତ୍ରକ, କୋଚ୍ ଗାଇଡାନ୍ସ ଡିସପ୍ଲେ ବୋର୍ଡ ଏବଂ **PA** ସିଷ୍ଟମ୍ (୨) ଖଡ଼ଗପୁର ଏବଂ ବାଲାସୋର ଷ୍ଟେସନରେ କମ୍ପ୍ରେସିଭ ବାର୍ଷିକ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ (**CAMC**) ପାଂଚ ଲାଇନ୍ ସିଙ୍ଗଲ ଫେସ୍ ଇନ୍ଡୋର ଡିସ୍ପ୍ଲେ ବୋର୍ଡ, ଏକ ଗାଲାନ୍ସ ଡିସପ୍ଲେ ବୋର୍ଡରେ ଟ୍ରେନ୍ ଇନଫରମେସନ, ସିଙ୍ଗଲ ଲାଇନ୍ ଡବଲ ଫେସ୍ଡ ଟ୍ରେନ ଆଗମନ ଓ ପ୍ରସ୍ଥାନ ବୋର୍ଡ, ଟୁ କଲର୍ ଉନ୍ଡୋର ଭିଡିଓ ଡିସ୍ପ୍ଲେ,**(TVD)** ପିସି ଭିଡିଓ ଡିସପ୍ଲେ ନିୟନ୍ତ୍ରକ **(VDC)**, ଡବଲ୍ ଫେସ୍ କୋଚ୍ ଗାଇଡାନ୍ସ ପ୍ରଦର୍ଶନ ବୋର୍ଡ, ପ୍ଲାଟଫର୍ମ ଡାଟା କଣ୍ଟ୍ରୋଲର୍ **(PDC)** ଏବଂ ସେଣ୍ଟ୍ରାଲ୍ ଡାଟା କଣ୍ଟ୍ରୋଲର୍ ୟୁନିଟ୍ । ଟେଣ୍ଡର ମୂଲ୍ୟ: ଟ ୪,୧୮,୩୮,୨୬୫.୬୬ **EMD:** ଟ ୩,୫୯,୨୦୦ ଟେଣ୍ଡର ଡକ୍ୟୁମେଂଟର ମୂଲ୍ୟ: ନିଲ୍ । ଖୋଲିବାର ତାରିଖ: ୨୪.୦୪.୨୦୨୩ ସମାପ୍ତି ସମୟ: ୧୦୫ ମାସ । ଦାଖଲ ତାରିଖ: ୨୪.୦୪.୨୦୨୩ ର ୧୨.୩୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

**(PR-1235)**

## ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିୟାନସିପ୍ ୨୦୨୩ରେ ସିଆରଏମ ଦଳ ଚମ୍ପିୟାନ

ରାଉରକେଲା, ୩୦/୦୩ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ଭିତ୍ତିକ ପ୍ରୟାସ ତ୍ରୟୋଦଶ ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍- ୨୦୨୩ରେ କୋଲ୍ଡ ରୋଲିଙ୍ଗ ମିଲ (ସିଆରଏମ), ସିଲିକନ ଷ୍ଟିଲ ମିଲ (ଏସଏସଏମ) ଓ ପାଇପ ପ୍ଲାଣ୍ଟ ବିଭାଗକୁ ନେଇ ଗଠିତ ଦଳ ଚାମ୍ପିୟାନ୍ ଆଖ୍ୟା ଲାଭ କରିଛି। ମାର୍ଚ୍ଚ ୨୯ ତାରିଖରେ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜୟୀ ସିଆରଏମ ଦଳ ଟି ଆଣ୍ଡ ଆରଏମ ଓ ଅଗ୍ନିଶମ ସେବା ବିଭାଗୀୟ ଦଳକୁ ୨୫ ରନରେ ପରାସ୍ତ କରିଥିଲା। ଚମ୍ପିୟାନସିପର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ.ଆର. ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା, ବିତ୍ତ ଓ ଲେଖା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ଶ୍ରୀ ଏ.କେ ବେହୁରିଆ ଏବଂ କାରଖାନାର ଅନ୍ୟ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରେଷ୍ଠ କ୍ରୀଡ଼ା ମନୋଭାବ ତଥା ଦଳଗତ ଭାବନା ପ୍ରଦର୍ଶନ ପାଇଁ ବିଜେତା ତଥା ସମସ୍ତ ଅଂଶଗ୍ରହଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଭୌମିକ କହିଥିଲେ ଯେ, "ଏହି ପ୍ରତିଯୋଗିତାରେ ପରିଲକ୍ଷିତ ସହଭାଗିତା ଓ ଖେଳୁଆଡ ମନୋଭାବ ବହୁ ପ୍ରଶଂସନୀୟ ଅଟେ। ଏହି ଚମ୍ପିୟାନସିପରେ ଆରଏସପିରେ ପରିଲକ୍ଷିତ ଦଳଗତ ଭାବନା ଓ ସମନ୍ୱୟର ପ୍ରତିଫଳନ ଦେଖିବାକୁ ମିଳିଥିଲା ଯାହା ପ୍ରମାଣ କରୁଛି ଯେ ଆରଏସପିର ମାନବ ସମ୍ବଳ ସମଗ୍ର ଶିଳ୍ପ ଜଗତରେ ଅନ୍ୟତମ ଶ୍ରେଷ୍ଠ ରୂପେ କାହିଁକି ପରିଗଣିତ।" ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦଳ ସିଆରଏମ ଦଳ ଧାର୍ଯ୍ୟ ୧୨ ଓଭରରେ ୧ ୱିକେଟ ହରାଇ ୧୦୮ ରନ ସ୍କୋର କରିଥିବା ବେଳେ ଉତ୍ତରରେ ଟି ଆଣ୍ଡ ଆରଏମ ଦଳ ୮୩ ରନ ରେ ସମସ୍ତ ୱିକେଟ ହରାଇଥିଲେ। ସିଆରଏମ ଦଳର ଜ୍ୟୋତିର୍ମୟୀ ଗୟାନ ୪୩ଟି ବଲରୁ ଅପରାଜିତ ୫୧ ରନ ସ୍କୋର କରିବା ସହ ଗୋଟିଏ ୱିକେଟ ହାସଲ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବରିଷ୍ଠ ଅତିଥିମାନେ ମ୍ୟାଚ୍ ଅଫିସିଆଲ୍, ସମସ୍ତ ୧୮ଟି ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍, ବେଷ୍ଟ ବୋଲର ଏବଂ ବିଜେତା ତଥା ରନର୍ସ ଅପ୍ ଦଳର ସଦସ୍ୟ ଏବଂ ବ୍ୟକ୍ତିଗତ ପୁରସ୍କାର ଗୁଡିକ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରୋଟୋକଲ, ହସ୍ପିଟାଲିଟି ଓ ସମାଜ କଲ୍ୟାଣ ବିଭାଗର ଜିଏମ, ଶ୍ରୀ ବି କେ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରୋଟୋକଲ, ହସ୍ପିଟାଲିଟି ବିଭାଗର ଜିଏମ, ଶ୍ରୀ ଏମ କରନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ କ୍ରୀଡା ପତାକା ଅବତରଣ ଏବଂ ଡ଼ିଆଇସିଙ୍କ ଦ୍ୱାରା ଚାମ୍ପିଅନସିପ୍ ଶେଷ ଘୋଷଣା ସହିତ ସମାପ୍ତ ହୋଇଥିଲା। ସିଆରଏମ ବିଭାଗର ଶ୍ରୀ ଅନିଲ ମଲ୍ଲିକ ଏବଂ ଏସଏମଏସ-୨ ବିଭାଗର ଶ୍ରୀ ଛାୟାକାନ୍ତ ତ୍ରିପାଠୀ ସମାରୋହ ସଂଯୋଜନା କରିଥିଲେ । କ୍ରୀଡା ବିଭାଗର ସହକାରୀ ପ୍ରବନ୍ଧକ, ଶ୍ରୀ ରଘୁ ନନ୍ଦନ ପାଢୀ ଚମ୍ପିୟାନସିପର ସମସ୍ତ ମ୍ୟାଚ ଶ୍ରୀ ବି କେ ରାଉତଙ୍କ ମାର୍ଗଦର୍ଶନରେ ପରିଚାଳନା କରିଥିଲେ।

## ଏକତା କ୍ଲବର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୩୧ ୟୁନିଟ ସଂଗ୍ରହ



ବସ୍ତା, ୩୦/୩ (ନିପ୍ର) ସଦର ବ୍ଲକ ଅଧୀନ ରୂପସାସ୍ଥିତ ରୂପସା ଏକତା ଯୁବକ ସଂଘ, ଜିଲ୍ଲା ରକ୍ତଦାତା ସଂଘ, ଓଡ଼ିଶା ସ୍ୱାଭିମାନ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଏକତା କ୍ଲବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ସ୍ୱେଚ୍ଛା ରକ୍ତଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଜିଲ୍ଲା ରକ୍ତଦାତା ସଙ୍ଘର ସଦସ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା, ମୁଖ୍ୟ ଉପଦେଷ୍ଟା ପ୍ରାକ୍ତନ ଷ୍ଟେସନ ମ୍ୟାନେଜର ଶ୍ରୀପତି ରାଉତ, ଶୀତାଂସୁ ବ୍ରହ୍ମଚାରୀ ପ୍ରମୁଖ ଯୋଗଦେଇ ରକ୍ତଦାନର ଆବଶ୍ୟକତା, ଉପାଦେୟତା ଓ ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ । ଓଡିଶା ରକ୍ତକେନ୍ଦ୍ରର ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ା. ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲାବୋରେଟୋରୀ ଟେକନିସିଆନ ସୌଭାଗ୍ୟ ପରିଡା, ରାଜେଶ କୁମାର ମିଶ୍ର, ଗୌରୀଶଙ୍କର ପରିଡା, ସହଯୋଗୀ ସନ୍ତୋଷ ଜେନା ଓ ଅଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ୩୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଏକତା କ୍ଲବର ସଭାପତି ହରିଶ୍ଚନ୍ଦ୍ର ବେହେରା, ସମ୍ପାଦକ ଜଗଦୀଶ ବ୍ରହ୍ମଚାରୀ, ଉପସଭାପତି ଶ୍ୟାମସୁନ୍ଦର ବିଶ୍ୱାଳ, ମଧୁସ୍ମିତା ନାୟକ, ସଞ୍ଜୟ କୁମାର ପ୍ରଧାନ, ବିଶ୍ୱଜିତ ପଣ୍ଡା, ଜ୍ୟୋତିପ୍ରଭା ଦାସ, ସିଲୁ ମାଝୀ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଜଗା ବେହେରା, ଶତ୍ରୁଘ୍ନ ବେହେରା, କାଳିଆ ବେହେରା, ଚକ୍ରଧର ନାୟକ, ଶୁକୁରା ସିଂ ଓ ରାଜୁ ସିଂ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ସହସମ୍ପାଦକ ପଶୁପତି ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭଣ୍ଡାରିପୋଖରୀ ସି.ଏଚ.ସି.କୁ ମିଳିଲା ରାଜ୍ୟସ୍ତରୀୟ 'କାୟାକଳ୍ପ' ମାନ୍ୟତା

ଭଦ୍ରକ, ୩୦/୦୩ (ନି.ପ୍ର): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚଳିତ ବର୍ଷର 'କାୟାକଳ୍ପ' ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି କରି ରାଜ୍ୟ ସ୍ତରରେ ୯ ନଂ ମାନ୍ୟତା ହାସଲ କରିବା ସହ ଜିଲ୍ଲାରେ ପ୍ରଥମ ହୋଇଥିବା ଜଣାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା, ତୃଣମୂଳସ୍ତରୀୟ ସ୍ୱାସ୍ଥ୍ୟସେବା, ଯୋଜନା ରୂପାୟନ, ନଥିପତ୍ର ପ୍ରସ୍ତୁତି, ସକାରାତ୍ମକ ରୋଗୀସେବା, ଔଷଧୀୟ ବୃକ୍ଷ ରୋପଣ, ଟୀକାକରଣ, ସବୁଜ ସ୍ୱାସ୍ଥ୍ୟକେନ୍ଦ୍ର, କର୍ମଚାରୀ ଓ ଡାକ୍ତରଙ୍କ ବ୍ୟବହାର, ସୌନ୍ଦର୍ଯ୍ୟକରଣ ଆଦି ଗୁଣାତ୍ମକ ମାନଦଣ୍ଡ ଆଧାରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ ପ୍ରତିନିଧିମଣ୍ଡଳୀଙ୍କ ସୁପାରିଶ କ୍ରମେ ଏହି ମାନ୍ୟତା ପ୍ରାପ୍ତ ହୋଇଥିବା ଜଣାଯାଇଛି । ଏଥିସହ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ରହଣିଆ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ମଞ୍ଜୁରୀ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ), ମଞ୍ଜୁରୀରୋଡ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ଓ ବାରିକପୁର ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ମଧ୍ୟ 'କାୟାକଳ୍ପ' ମାନ୍ୟତା ହାସଲ କରିଥିବା ଜଣାଯାଇଛି । ସେହିପରି ସରସଦା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ବିଷ୍ଣୁପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର, ନେରଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ରହଣିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ମଞ୍ଜୁରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମଧ୍ୟ 'କାୟାକଳ୍ପ' ମାନ୍ୟତା ହାସଲ କରିଥିବା ଜଣାଯାଇଛି । ଡାକ୍ତର ବୀଣାପାଣୀ ନନ୍ଦ, ଡାକ୍ତର ଶେଫାଳୀ ମଲ୍ଲିକ ଓ ଶ୍ରଦ୍ଧାଞ୍ଜଳୀ ରାଉତଙ୍କ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ମାନ୍ୟତାପତ୍ର ସ୍ଥାନୀୟ ଅଧିକ୍ଷକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁ, ବିପିଏମ ରଶ୍ମିରେଖା ପୃଷ୍ଟି, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ରାଉତ, ଫାର୍ମାସିଷ୍ଟ ପଙ୍କଜ କୁମାର ବେହେରା ପ୍ରମୁଖଙ୍କୁ ପ୍ରଦାନ କରିଥିଲେ । ଏହି ମାନ୍ୟତା ପାଇଁ ମେଡିକାଲ ପକ୍ଷରୁ ଅଞ୍ଚଳବାସୀଙ୍କୁ କୃତଜ୍ଞତାଜ୍ଞାପନ କରାଯାଇଛି ।

# ଶ୍ରୀରାମ ନବମୀରେ ବାଲେଶ୍ୱରରେ ବିଶାଳ ପଦଯାତ୍ରା



ବାଲେଶ୍ୱର, ୩୦/୦୩ (ନି.ପ୍ର): ପବିତ୍ର ଶ୍ରୀ ରାମନବମୀ ଅବସରରେ ହଜାର ହଜାର ରାମଭକ୍ତଙ୍କ ଗହଣରେ ବାଲେଶ୍ୱର ସହରରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ଚେତନା ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରା ସହରର ପରମିଟ ପଡ଼ିଆରୁ ଆରମ୍ଭ ହୋଇଥିଲା । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପୂଜାପାଠ ଓ ସାମୂହିକ ହନୁମାନ ଚାଳିଶା ପାଠ ପରେ ଆରମ୍ଭ ହୋଇଥିଲା ପଦଯାତ୍ରା । ଏହି ପଦଯାତ୍ରା ପରମିଟ ପଡ଼ିଆରୁ ବାହାରି ଜିଲା ସ୍କୁଲରୋଡ଼ ଦେଇ ଏଡିଏମ ଛକ, ଷ୍ଟେସନଛକ, ଫକୀର ମୋହନ ଗୋଲେଇ, ଫାଣ୍ଡିଛକ, ଚିଡ଼ିଆପୋଲ, ଗୋପାଳଗାଁ, ସୁଏଲପୁର, ବାରବାଟୀ, ଦାମୋଦରପୁର, ଟାଉନଥାନା, ଗୋଲାପୋଖରୀ ହେମକାପଦାଛକ, ଗଡ଼ଗଡ଼ିଆ, କଲେଜ ଛକ, ସିନେମାଛକ ଦେଇ ପରମିଟ ପଡ଼ିଆରେ ପହଞ୍ଚିଥିଲା । ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ରାମଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଜୟଶ୍ରୀରାମ ଧ୍ୱନି ଏବଂ ପାରମ୍ପାରିକ ବାଦ୍ୟର ତାଳେ ତାଳେ ସମଗ୍ର ବାଲେଶ୍ୱର ସହର ରାମମୟ ହୋଇ ଉଠିଥିଲା । ଶଙ୍ଖଧ୍ୱନି, ମୃଦଙ୍ଗ, ଢୋଲ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟରେ ଫାଟିପଡୁଥିଲା ସହର । ପିଲାଠାରୁ ବୁଢ଼ା ଯାଏ ସମସ୍ତଙ୍କ ଭିତରେ ଦେଖିବାକୁ ମିଳିଥିଲା ଅପୂର୍ବ ଉନ୍ମାଦନା । ଶ୍ରୀରାମ ଚେତନା ସହ ରାଷ୍ଟ୍ରୀୟ ଭକ୍ତି ସେମାନଙ୍କୁ ଟାଣିଆଣିଥିଲା ଏହି ଶୋଭାଯାତ୍ରାକୁ । ଶୋଭଯାତ୍ରାରେ ଭଦ୍ରକ, ବୈଶିଙ୍ଗା, ଢେଙ୍କାନାଳ, ପୁରୀ, ବ୍ରହ୍ମପୁର ଆଦି ଅଂଚଳରୁ ପ୍ରଖ୍ୟାତ ବାଦ୍ୟଦଳ ସମେତ ବାଲେଶ୍ୱର କୀର୍ତ୍ତନ ଦଳମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସହର ରାସ୍ତାରେ ଏହି ଶୋଭାଯାତ୍ରା ଯାଉଥିବା ବେଳେ ବିଭିନ୍ନ ପାରମ୍ପାରିକ ଦଳ ବାଦ୍ୟ-ନୃତ୍ୟ ପ୍ରଦର୍ଶନ କରିଥିଲେ । ଛୋଟ ଛୋଟ ପିଲାମାନେ ବେଦମନ୍ତ୍ର ପାଠ କରୁଥିବା ବେଳେ ବିଭିନ୍ନ ବେଶ ପୋଷାକରେ ଯୁବକମାନେ ଖେଳ ପ୍ରଦର୍ଶନ କରିଥିଲେ । ଏହି ପଦଯାତ୍ରାରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧକ୍ଷ ସୁନୀତା ବେହେରା, ବାଲେଶ୍ୱର ପୌରାଧକ୍ଷ ସବିତା ସାହୁ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ସୁଦର୍ଶନ ଯେନା, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ, ଯୁବ ନେତା ବିକ୍ରମ ପଣ୍ଡା ପ୍ରମୁଖ ଏହି ପଦଯାତ୍ରାରେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଇଚାରା ରକ୍ଷା ପୂର୍ବକ ଶାନ୍ତି ଶୃଙ୍ଖଳା ସହ ପଦଯାତ୍ରା ସମ୍ପନ୍ନ ପାଇଁ ଶ୍ରୀରାମ ଚେତନା ଜାଗରଣ ସଂଘ କର୍ମକର୍ତ୍ତାଙ୍କ ସମେତ ଜନ ସାଧାରଣଙ୍କୁ ନେତାମାନେ ପରାମର୍ଶ ଦେଇଥିଲେ । ପଦଯାତ୍ରାରେ ସାମିଲ ହୋଇଥିବାଆବାଳ ବୃଦ୍ଧ ବନିତାଙ୍କ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ରାସ୍ତାର ବିଭିନ୍ନ ସ୍ଥାନରେ ଥଣ୍ଡାପାନୀୟ ଓ ଜଳଯୋଗ ବ୍ୟବସ୍ଥା କରାଯାଇଥିଲା । ଗ୍ରୀଷ୍ମ ଉତ୍ତାପ ସତ୍ତ୍ୱେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଲୋକଙ୍କ ଉପର ପାଣି ସିଂଚନ କରାଯାଇଥିଲା । ବାଲେଶ୍ୱର ଏସପି ସାଗରିକା ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପୁଲିସର ଅଧିକାରୀମାନେ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ଉପରେ କଡ଼ା ନଜର ରଖିଥିଲେ ।

## ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସମ୍ପାଦିତ 'କଥା କାରିଗର ନିବାରଣ ଜେନା' ଉନ୍ମୋଚିତ



ବାଲେଶ୍ୱର, ୩୦/୦୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଗାଳ୍ପିକ ନିବାରଣ ଜେନାଙ୍କ ଗଳ୍ପ ସାହିତ୍ୟର କୃତି ସଂପର୍କିତ ଏକ ପୁସ୍ତକ 'କଥା କାରିଗର ନିବାରଣ ଜେନା' ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରହିତ୍ୟରେ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ 'ଦେବକାନ୍ତଗଙ୍ଗାବାରଣ ଦାସ' ଅର୍ଥାତ୍ ଶ୍ରୀଦେବ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା, ପ୍ରଶାନ୍ତ ଦାସ ଉପସ୍ଥିତ ରହି ଏକତ୍ର ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ଆଲୋଚନା କରିବା ପ୍ରସଙ୍ଗରେ କହିଲେ ଯେ, ନିତିଦିନ ଘଟଣା କ୍ରମରେ ଅତିସାଧାରଣ କଥାବସ୍ତୁକୁ ସାଉଁଟି ନେଇ ତାକୁ ଅସାଧାରଣ ଭାବରେ ନିଜ ଗଳ୍ପ ବା ଉପନ୍ୟାସରେ ଜୀବନ୍ତ ଚିତ୍ରଣ କରିବାର କ୍ଷମତା ରଖନ୍ତି କଥା କାରିଗର ନିବାରଣ ଜେନା । ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସମ୍ପାଦିତ ତଥା ଗାଳ୍ପିକ ଶ୍ରୀଜେନାଙ୍କ ଜନ୍ମଦିନରେ ଉନ୍ମୋଚିତ ଉକ୍ତ ପୁସ୍ତକଟି ସଂପର୍କରେ ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିବାବେଳେ ଗାଳ୍ପିକ ଶ୍ରୀଜେନା ତାଙ୍କର ଲେଖକୀୟ ବକ୍ତବ୍ୟ ରଖିଥିଲେ । ଯୁଗ୍ମସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଯୁଗ୍ମସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅନେକ ସାହିତ୍ୟିକ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡି ପଡିଛି : ସନ୍ତୋଷ ସିଂହ ସାଲୁଜା

ଭୁବନେଶ୍ୱର, ୩୦/୦୩ (ନି.ପ୍ର): କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଆକ୍ରମଣ କରିଛି । ସେ କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ିପଡ଼ିଛି । ସେ କହିଛନ୍ତି ଝାରସୁଗୁଡ଼ା ପାଇଁ ୨୯ ତାରିଖ ହେଉଛି କଳାଦିନ । ଜାନୁଆରୀ ୨୯ରେ ନବ ଦାସଙ୍କୁ ଓ ମାର୍ଚ୍ଚ ୨୯ରେ ସମର୍ଥକୁ ହତ୍ୟା କରାଯାଇଛି । ବିଜେଡି ଶାସନରେ ହତ୍ୟା, ଅପହରଣ, ଦୁଷ୍କର୍ମ ବଢ଼ିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଝାରସୁଗୁଡ଼ା ଉପନିର୍ବାଚନରେ ଲୋକେ ଭୋଟ୍ ଦେବାକୁ ଡରିବେ । ଉଭୟ ହତ୍ୟା ଘଟଣାର ମୁଖ୍ୟ ହତ୍ୟାକାରୀଙ୍କୁ ସରକାର ସାମ୍ନାକୁ ଆଣନ୍ତୁ ବୋଲି ସେ କହିଛନ୍ତି ।

## ଶ୍ରୀରାମନବମୀ ଅବସରରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀରାମନବମୀ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ଶ୍ରୀରାମ ନବମୀ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀରାମ ସମସ୍ତଙ୍କୁ ସୁଖ, ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରନ୍ତୁ ।

## ୯୬.୩୫୦ କିଲୋ ରୂପା ଜବତ

ସିଦ୍ଧାର୍ଥ ନଗର, ୩୦/୦୩ (ନି.ପ୍ର): ଉତର ପ୍ରଦେଶର ସିଦ୍ଧାର୍ଥ ନଗର ପୋଲିସ ଅନ୍ତରାଷ୍ଟ୍ରୀୟ ତସ୍କରମାନଙ୍କର ଠାରୁ ୯୬.୩୫୦ କିଲୋ ରୁପା ଜବତ କରିବା ସହିତ ଧରିଛନ୍ତି । ବରିଷ୍ଠ ଅଧିକାରୀ ସଦର ନେତୃତ୍ୱରେ ଏକ ବିଶେଷ ଟିମ ଦ୍ୱାରା ଗୁପ୍ତ ସୂଚନା ଅନୁସାରେ ଜାମୁବାର ନାଳୀ ଫାଖରେ କ୍ରେଟା କାର ଯୋଗେ ନେପାଳରୁ ଚୋରି କରି ନେଇ ଯାଉଥିବା ବେଳେ ୯୬.୩୫୦ କିଲୋ ଗ୍ରାମ ରୁପା ଜବତ କରିଛନ୍ତି ।

# ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ



ବାଲେଶ୍ୱର, ୩୦/୦୩ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ରାମନବମୀ ତା ୩୦/୩/୨୦୨୩ ରିଖ ଅପରାହ୍ନ ୫ ଘଟିକାରେ ବାମପଦାସ୍ଥ ଜଉକଣ୍ଢେଇ ଗାଁରେ ପବିତ୍ର ତ୍ରିବେଣୀଶ୍ୱର ପୀଠର ମଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ଦ୍ୱାରା ପୂଜା କରାଯାଇ ତ୍ରିବେଣୀ ତୀର୍ଥର ମାଟି ଓ ଜଳକୁ ନେଇ ଯୋଗୀ ନିରଞ୍ଜନ ଗିରି ପହଞ୍ଚିଥିଲେ । ଜଉକଣ୍ଢେଇ ଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ବିଧିରେ ପୂଜା କରାଯାଇ ଆନୁଷ୍ଠାନିକ ଭାବେ ଚଳିତ ବର୍ଷର ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇ ନିର୍ମାଣ ଉଦ୍ଘାଟନ କରାଯାଇଥିଲା । ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ଅଖିଳ ମହିଳା ମାରୁଆଡି ମଞ୍ଚର ସଭାପତି ଅଞ୍ଜୁ ସରାଓଗୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇଥିଲେ । ଆବାହକ ଶିଳ୍ପୀ କେଶୁଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଂପାଦକ ଡ. ଗୋପାଲ ଆଭିମୁଖ୍ୟ ଓ ତଥ୍ୟ ପ୍ରଦାନ କରିଥିଲେ । କର୍ମକର୍ତ୍ତା ବ୍ରହ୍ମନାଥ ରଥ, ରାଜେଶ ଗିରି, ରଘୁନାଥ ଲେଙ୍କା, ସୁରେଶ ପାଣିଗ୍ରାହୀ, ଅଜୟ ଆଚାର୍ଯ୍ୟ, ବ୍ୟମନାଥ ରଥ, ମଧୁସୂଦନ ଦାସ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, ବାମପଦା ଜଉକଣ୍ଢେଇ ପ୍ରଡୁସର ଗ୍ରୁପର ଉଦ୍ୟୋଗ ମିତ୍ର ଫୁଲମଣୀ ସୋରେନ, ସଭାପତି ଅନିତା ସିଂ, ସଂପାଦିକା ଗେହ୍ଲମଣି ମାରାଣ୍ଡି, କାରିଗର ରାକେଶ ବେହେରା, ଅରୁଣ ବାରିକ ସହ ୩୦ରୁ ଊର୍ଦ୍ଧ୍ୱ ଜଉକଣ୍ଢେଇ ଶିଳ୍ପୀ ଯୋଗ ଦେଇଥିଲେ ।

## ସାଇଦୁର୍ଗା ମନ୍ଦିରରେ କନ୍ୟା ନବରତ୍ନ ପୂଜନ

ବାଲେଶ୍ୱର, ୩୦/୦୩ (ନି.ପ୍ର): ମାସନ୍ତୀ ପୂଜାର ମହାନବମୀ ଅବସରରେ ସହରର ଫକୀରମୋହନ ଗୋଲେଇ ସ୍ଥିତ ସାଇଦୁର୍ଗା ମନ୍ଦିରରେ ଗୁରୁବାର କନ୍ୟା ନବରତ୍ନ ପୂଜା ଅନୁଷ୍ଠିତ ହୋଇଯାଇଛି । ନବରାତ୍ର ବ୍ରତ ପାଳନ କରିଥିବା ବ୍ରତୀମାନେ ମା'ଙ୍କର ୯ଟି ସ୍ୱରୂପ ଭାବେ ୯ ଜଣ କନ୍ୟାଙ୍କୁ ବିଧି ପୂର୍ବକ ପୂଜା କରିଥିଲେ । ପ୍ରଥମେ ୯ ଜଣ କନ୍ୟାଙ୍କ ଗୋଡ଼ ଧୋଇ ଅଳତା କୁଙ୍କୁମ ଲଗାଇ ସଜେଇଥିଲେ । ପରେ ବ୍ରତୀମାନେ ୯ ଜଣ କନ୍ୟାଙ୍କୁ ଓଢ଼ଣୀ ପିନ୍ଧାଇ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ କରିଥିଲେ । ଏହି ଅବସରରେ ରାତିରେ ସାଇଙ୍କର ପାଲିଙ୍କି ଯାତ୍ରା ହେବା ସହ ନବରାତ୍ର ପାଇଁ ପ୍ରସାଦ ସେବନ କରିଥିଲେ । ଏହି ମନ୍ଦିରରେ ବର୍ଷକୁ ୪ ଥର ନବରାତ୍ର ପୂଜା ହୁଏ । ୩ ବର୍ଷରୁ ୧୨ ବର୍ଷ ମଧ୍ୟର କନ୍ୟାଙ୍କୁ ମା ଦୁର୍ଗାଙ୍କ ସ୍ୱରୂପ ଭାବେ ଏଠାରେ ପୂଜା କରାଯାଇଥାଏ । ନବରାତ୍ରୀର ନବମ ଦିବସରେ ଚଣ୍ଡିକା ପ୍ରମାଣ ଅନୁଯାୟୀ ନବ କୁମାରୀଙ୍କୁ ପୂଜା କରାଯାଇଛି ବୋଲି ସାଇ ଦୁର୍ଗା ମନ୍ଦିରର ପୂଜକ ସୂଚନା ଦେଇଛନ୍ତି ।

## ପ୍ରଜାପିତା ବ୍ରହ୍ମା କୁମାରୀ କାର୍ଯ୍ୟାଳୟରେ ଯୋଗ ଶିବିର



ବାସୁଦେବପୁର, ୩୦/୦୩ (ନି.ପ୍ର): ବାସୁଦେବପୁର ରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କାର୍ଯ୍ୟାଳୟରେ ସାପ୍ତାହିକ ରାଜ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ଦୟାନିଧି ଦାଶ, ବ୍ରହ୍ମା କୁମାରୀ ପ୍ରତିମା ଭଉଣୀ, ବ୍ରହ୍ମା କୁମାର ଗଦାଧର ଭାଇ, ବ୍ରହ୍ମା କୁମାରୀ ଜ୍ୟୋସ୍ନା ମୟୀ ଭଉଣୀ,ବ୍ରହ୍ମା କୁମାର ରତି ଭାଇ , ବ୍ରହ୍ମା କୁମାର ପରେଶ ଭାଇ, ସ୍ୱର୍ଣ୍ଣପ୍ରଭା ଭଉଣୀ, ସୁରେନ୍ଦ୍ର ଭାଇ, ଝୁନା ଭଉଣୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ରାଜଯୋଗ ଶିକ୍ଷା ଓ ସାପ୍ତାହିକ ସତସଙ୍ଗ ଅବସରରେ ମାନବର ଦିବ୍ୟ ଜୀବନ, ସୁଖ ଶାନ୍ତି ଏବଂ ଈଶ୍ୱରୀୟ ଜ୍ଞାନ ତଥା ମନର ଏକାଗ୍ରତା ନିମନ୍ତେ ପରମାତ୍ମାଙ୍କ ମହାବାକ୍ୟ ମୁରଲୀ ଆପ୍ତବାକ୍ୟକୁ ଭାଇ ଭଉଣୀ ମାନଙ୍କୁ ସଞ୍ଚାଳିକା ପ୍ରତିମା ଭଉଣୀ ମାର୍ଗ ଦର୍ଶନ ଦେଇଥିଲେ । ପ୍ରତ୍ୟହ ଶିବ ବାବାଙ୍କ ମୁରଲୀ ସତସଙ୍ଗ ଓ ସାପ୍ତାହିକ ସତସଙ୍ଗ ଦ୍ୱାରା ମନୁଷ୍ୟ କୁ ଶାନ୍ତି ମିଳିଥାଏ । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପାଇଁ ଆଶ୍ରମ ରେ ଭାଇ ଭଉଣୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ବାସୁଦେବପୁର ବ୍ଲକ ର ବିଭିନ୍ନ ପଂଚାୟତ ରେ ଓ ପୌରପାଳିକା ର ବିଭିନ୍ନ ୱାର୍ଡ ରେ ଭାଇ ଭଉଣୀ ମାନେ ଏହି ଆଶ୍ରମ ର ଆଧାତ୍ମିକ ଚିନ୍ତାଧାରା ଓ ଆଦର୍ଶ ନୀତିଶିକ୍ଷା ପ୍ରତି ମନୋନିବେଶ କରୁଛନ୍ତି ।

## ମହୋତ୍ସବ ହିଁ ସୃଷ୍ଟି କରିଥାଏ ସଂପର୍କର ସେତୁବନ୍ଧ

ନୀଳଗିରି, ୩୦/୦୩ (ନି.ପ୍ର): ବଣସୀମା ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଆଡ଼ମ୍ବରପୂର୍ଣ୍ଣ ସହକାରେ ବରହମପୁର ଷ୍ଟାଡିୟମ ପରିସରରେ ସଂପୂର୍ଣ୍ଣ ହୋଇଅଛି । ୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ନୀଳଗିରି ଏନ.ଏ.ସି.ର ଅଧକ୍ଷା ଅମ୍ବିକା ଦାସ ଯୋଗ ଦେଇ ମହୋତ୍ସବ ହିଁ ସୃଷ୍ଟି କରିଥାଏ ସଂପର୍କର ସେତୁବନ୍ଧ ବୋଲି ନିଜ ବକ୍ତବରେ ପ୍ରତିପାଦିତ କରିଥିଲେ । ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦ, ଖନ୍ତାପଡ଼ା ର ଶରତ ଚନ୍ଦ୍ର ମହାପାତ୍ର ମଂଚାସୀନ ରହିଥିବା ବେଳେ ସଂଗୀତ ନିର୍ଦ୍ଦେଶକ ବିକାଶ ଦାସ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ମଂଚାସୀନ ରହି ମହୋତ୍ସବ ପାଳନର ଲକ୍ଷ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମହୋତ୍ସବ କମିଟିର ଆବାହକ ଅକ୍ଷୟ କୁମାର ବେହେରା, ସଭାପତି ସନ୍ତୋଷ କୁମାର ବେହେରା, ଉପସଭାପତି ପ୍ରଭାତ ବେହେରା, ମଂଚାସୀନ ରହି ମହୋତ୍ସବକୁ ଅଗାମୀ ଦିନରେ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପରେ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ବିଶେଷକୁ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ।

## ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା



ବସ୍ତା, ୩୦/୦୩ (ନି.ପ୍ର): ବସ୍ତାର ଅଗ୍ରଣୀ ଅନୁଷ୍ଠାନ ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହାସମାରୋହ ରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ସ୍ତରରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅଧାପିକା ରେଣୁବାଳା ପ୍ରଧାନ ଓ ମଧୁସୁଦନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । ଦ୍ୱିତୀୟ ସତ୍ର ରେ ଜୟନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରମେୟ ବାଲେଶ୍ୱର ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା ମୁଖ୍ୟବକ୍ତା, ବହିଘର ପ୍ରକାଶକ ଅଭୟ ଦାସ ସମ୍ମାନିତ ଅତିଥି ଓ ସୃଜନିକା ଆବାହକ ସୁକାନ୍ତ ଗିରି ସମ୍ମାନିତ ବକ୍ତା ଭାବେ ନିଜର ଭାବଗର୍ଭକ ଅଭିଭାଷଣ ଉପସ୍ଥାପନା କରିବା ସହ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ସମ୍ପାଦକ ବିଜୟପରିଡା ଓ ଉପ ସଭାପତି କୁମୁଦ ରଂଜନ ଗିରି ବିଗତ ଆଠ ବର୍ଷର ସାରସ୍ୱତ ଯାତ୍ରାର ବିବରଣୀ ପ୍ରଦାନ କରିଥିଲେ । ବିଶିଷ୍ଟ ଚିତ୍ରଶିଳ୍ପୀ, କେଶୁ ଦାସ, ଗାଳ୍ପିକା ସ୍ନେହଲତା ଦାସ, ନାଟ୍ୟକାର ବିମ୍ବାଧର ବେହେରା, ଚିତ୍ରକର ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ବାଲୁକାଶିଳ୍ପୀ ଟୁନା ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କବୟିତ୍ରୀ ଜୟନ୍ତୀ ବେହେରାଙ୍କ ପୁସ୍ତକ 'ସାଉଁଟା ଫୁଲ' ଓ 'ଗଦ୍ୟାଂଶ' ଉନ୍ମୋଚିତ ହୋଇଥିଲା । ପ୍ରଶାନ୍ତ ଦାସ, ଅରୁଣ ଦାସ, ଶ୍ରୀପତି ପାତ୍ର, ନମିତା ଦାସ, ଗୌରାଙ୍ଗ ପରିଡା, ରାଜକିଶୋର ମହାନ୍ତି, ପୂର୍ଣ୍ଣ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ସରକାରୀ ଉଦାସୀନତା ପ୍ରତିବାଦରେ ଆନ୍ଦୋଳନ କରିବ ଆମଲା ମିଳିତ ମଞ୍ଚ




ବାଲେଶ୍ୱର, ୩୦/୦୩ (ନି.ପ୍ର): ଓଡ଼ିଶା ଅମଲା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ନିଖିଳ ଓଡ଼ିଶା ଟ୍ରେଜରୀ ଅମଲା ସଂଘ ଓ ଓଡିଶା ସବରେଜିଷ୍ଟାର ଅମଲା ସଂଘ ପ୍ରଭୃତି ସଂଗଠନକୁ ନେଇ ଗଠିତ ରାଜ୍ୟ ଅମଲା ମିଳିତ ମଞ୍ଚର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ସଭାପତି ରୂପକ କୁମାର ଦାସ ଓ ସମ୍ପାଦକ ସ୍ୱସ୍ତିକ ଦାସ, ଅମଲା ସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତି ଓ ଗଣମାଧ୍ୟମ ସମ୍ପାଦକ ପ୍ରଦୀପ କୁମାର ଦାଶ ପ୍ରମୁଖ ଯୋଗଦେଇ ମିଳିତ ଅମଲା ମଞ୍ଚ ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅମଲା ସଂଘ ଗଠନର ଦୀର୍ଘ ୮୦ବର୍ଷ ପରେ ବି କର୍ମଚାରୀଙ୍କ ଦାବି ପ୍ରତି ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି କର୍ମକର୍ତ୍ତାମାନେ କହିଥିଲେ । ସମ୍ପ୍ରତି ମୂଳ ସଂଗଠନରୁ ବିଖଣ୍ଡିତ ହୋଇ ଏକାଧିକ ଅମଲା ସଂଘ ଗଠନ ହେବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ସୁଯୋଗ ହୋଇଛି । ଜନ ସାଧାରଣଙ୍କୁ ସେବା ପ୍ରଦାନରେ ଅମଲାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଥିବା ବେଳେ ସେମାନଙ୍କ ପ୍ରତି ସରକାରୀ ଅବହେଳା ଚରମ ସୀମାରେ ପହଞ୍ଚିଛି ବୋଲି ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି । ମଞ୍ଚର ଦାବି ପୂରଣରେ ସରକାରୀ ଉଦାସୀନତାର ପ୍ରତିବାଦ ସହ ଆଗାମୀ ଦିନରେ ପୁଣି କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଏହି ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଓଡ଼ିଶା ଅମଲା ସଂଘର ପ୍ରଦୀପ କୁମାର ଦାଶଙ୍କୁ ଆବାହକ ଓ ଓଡ଼ିଶା ରାଜସ୍ୱ ଅମଲା ସଂଘର ଲକ୍ଷ୍ମୀଧର ବେହେରାଙ୍କୁ ଅଧକ୍ଷ ଭାବେ ମନୋନୀତ କରାଯାଇଥିଲା । ଏଥି ସହିତ ଅଶୋକ କୁମାର ଦାଶ, ଦେବୀଦତ୍ତ ସାହୁ, ପୁଷ୍ପରାଜ ଜେନା, ମନୋରଞ୍ଜନ ଦଳେଇ, ନିଗମ କିଶୋର ଦାସ, ତପନ କୁମାର ବେହେରା, ଉତମ କୁମାର ଦେ, ମହେଶ୍ୱରବର ସେଠୀ, ସୁମିତ କୁମାର ସିଂ, ଦୀପକ କୁମାର ଚାନ୍ଦ, ନମିତା ମାଝୀ, ତନ୍ମୟ ଜେନା, କିଶୋର କୁମାର ବିଶ୍ୱାଳ, ଜୀବନ ରଞ୍ଜନ ମହାନ୍ତି, ଦିଲ୍ଲୀପ ମହାପାତ୍ର, ବ୍ରହ୍ମଦର୍ଶୀ ବେହେରା, କିଶୋର ମିଶ୍ର, ରଜନୀକାନ୍ତ ପଣ୍ଡା, ଧର୍ମେଶ କୁମାର ଶତପଥୀ, ପ୍ରିତୀଶ ପଟ୍ଟନାୟକ ପ୍ରମୁଖଙ୍କୁ ମିଳିତ ମଞ୍ଚର କାର୍ଯ୍ୟକାରିଣୀ ପ୍ରତନିଧି ଭାବେ ମନୋନୀତ କରାଯାଇଥିଲା । ଅମଲାମାନଙ୍କ ସ୍ୱାର୍ଥରକ୍ଷାରେ ରାଜ୍ୟ ଅମଲା ମିଳିତ ମଞ୍ଚର ଆନ୍ଦୋଳନାତ୍ମକ ନିଷ୍ପତ୍ତିକୁ ଜିଲା ସ୍ତରରେ ବ୍ୟାପକ କରିବା ପାଇଁ ଆହ୍ୱାନ ଦିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo